## ଅଲ୍ଲାଃ ତାଲାଙ୍କ ବାଣୀ

لَقَدۡ کَفَرَ الَّذِیۡنَ قَالُوۡۤا اِنَّ اللّٰہَ ثَالِثُ ثَلٰثَۃٍ ۘ
وَمَا مِنۡ اِلٰہٍ اِلَّاۤ اِلٰہٌ وَّاحِدٌ ؕ وَاِنۡ لَّمۡ یَنۡتَہُوۡا
عَمَّا یَقُوۡلُوۡنَ لَیَمَسَّنَّ الَّذِیۡنَ کَفَرُوۡا
مِنۡہُمۡ عَذَابٌ اَلِیۡمٌ (المائدہ:74)

ଅନୁବାଦ- ଯେଉଁ ଲୋକମାନେ ଏପରି କହନ୍ତି ଯେ ବାସ୍ତବରେ ଅଲ୍ଲାଃ ତିନିଜଣଙ୍କ ମଧ୍ୟରୁ ଜଣେ, ନିଶ୍ଚୟ ସେମାନେ ଅବିଶ୍ୱାସକାରୀ ଅଟନ୍ତି; ଏବଂ ଏକମାତ୍ର ଉପାସ୍ୟ (ଅଲ୍ଲାଃଙ୍କ) ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ଏବଂ ସେମାନେ ଯାହା କିଛି କହନ୍ତି ଯଦି ସେଥିରୁ କ୍ଷାନ୍ତ ନ ହୁଅନ୍ତି, ତେବେ ସେମାନଙ୍କ ମଧ୍ୟରେ ଯେଉଁମାନେ ଅବିଶ୍ୱାସ କରିଛନ୍ତି ସେମାନଙ୍କୁ ନିଶ୍ଚୟ ଯନ୍ତ୍ରଣାଦାୟକ ଶାସ୍ତି ମିଳିବ ।

*(ଅଲ୍‌ମାଇଦା: ୭୪)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 34

ସାପ୍ତାହିକ ବଦର
Weekly BADAR Qadian Odia
କାଦିଆନ

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

26 ଅଗଷ୍ଟ 2021    26 ଜହୁର୍ 1400 ହି.ଶ    16 ମୋହରମ୍ 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିଁଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଯିଏ ଅଲ୍ଲାଃ ତାଲାଙ୍କ ସହିତ ପ୍ରକୃତ ସମ୍ପର୍କ ସ୍ଥାପନ କରିନେବ ସେ ସେହି ସମସ୍ତ ସୌଭାଗ୍ୟରୁ ଉପକୃତ ହୋଇପାରିବ ଯାହା ସତ୍‌ପୁରୁଷମାନଙ୍କୁ ପୂର୍ବେ ଦିଆଯାଇଥିଲା ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ପ୍ରକୃତ ଜ୍ଞାନର ଉତ୍ସ ହେଉଛି ପବିତ୍ର କୁର୍‌ଆନ୍

ଏହାର କାରଣ ହେଉଛି ଏହା କି ଅଲ୍ଲାଃ ତାଲା ପ୍ରକୃତ ଜ୍ଞାନର ଉତ୍ସ ଓ ନିର୍ଝର ରୂପେ ପବିତ୍ର କୁର୍‌ଆନ୍‌କୁ ଏହି ସମ୍ପ୍ରଦାୟ ହାତରେ ପ୍ରଦାନ କରିଛନ୍ତି । ଯେଉଁ ଲୋକ ଏହି ତତ୍ତ୍ୱ ଏବଂ ଜ୍ଞାନକୁ ପାଇଯାଏ, ଯାହା ପବିତ୍ର କୁର୍‌ଆନ୍ ରେ ବର୍ଣ୍ଣନା କରାଯାଇଅଛି ଏବଂ ଯାହା ପ୍ରକୃତ ଧର୍ମପରାୟଣତା ଏବଂ ଈଶ୍ୱର ଭୟ ଦ୍ୱାରା ପ୍ରାପ୍ତ ହୋଇଥାଏ, ତାକୁ ସେହି ଜ୍ଞାନ ମିଳିଥାଏ ଯାହା ତାକୁ ବନି ଇସ୍ରାଇଲ୍‌ର ନବୀମାନଙ୍କ ସଦୃଶ ବନାଇଥାଏ । ହଁ ଏକଥା ସମ୍ପୂର୍ଣ୍ଣ ରୂପେ ସତ୍ୟ ଯେ ଯଦି ଜଣେ ଲୋକକୁ ଗୋଟିଏ ଅସ୍ତ୍ର ଦିଆଯାଏ ଓ ସେହି ଲୋକ ଜଣକ ଉକ୍ତ ଅସ୍ତ୍ରକୁ ବ୍ୟବହାର କରି ନପାରେ ତା'ହେଲେ ଏହା ତା ନିଜର ଦୋଷ, ଅସ୍ତ୍ରର ନୁହେଁ । ବର୍ତମାନ ଏ ଦୁନିଆର ଅବସ୍ଥା ସେହିପରି ରହିଛି । ଯେଉଁ ମୁସଲମାନମାନଙ୍କ ନିକଟରେ ପବିତ୍ର କୁର୍‌ଆନ୍ ଭଳି ଏକ ଅତୁଳନୀୟ ଆଶୀର୍ବାଦ ରହିଛି ଯାହା ପ୍ରତ୍ୟେକ ପ୍ରକାରର ବିଭ୍ରାନ୍ତିରୁ ରକ୍ଷା କରିଥାଏ ଓ ପ୍ରତ୍ୟେକ ପ୍ରକାରର ଅନ୍ଧକାରରୁ ବାହାର କରିଥାଏ, ଏହା ଥିବା ସତ୍ତ୍ୱେ ମଧ୍ୟ ସେମାନେ ପବିତ୍ର କୁର୍‌ଆନ୍‌କୁ ପରିତ୍ୟାଗ କଲେ ଓ ତାହାର ପବିତ୍ର ଶିକ୍ଷା ପ୍ରତି ଧ୍ୟାନ ଦେଲେ ନାହିଁ । ଫଳସ୍ୱରୁପ ସେମାନେ ଇସ୍‌ଲାମ୍‌ଠାରୁ ଏତେ ମାତ୍ରାରେ ଦୁରେଇ ଗଲେ ଯେ ଯଦି ଏବେ ସେମାନଙ୍କ ସମ୍ମୁଖରେ ପ୍ରକୃତ ଇସ୍‌ଲାମ୍‌କୁ ଉପସ୍ଥାପନ କରାଯାଏ, ଯେହେତୁ ସେମାନେ ଏ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଓ ଅବହେଳିତ ତେଣୁ ସେମାନେ ପ୍ରକୃତ ମୋମିନ୍ (ବିଶ୍ୱାସକାରୀ)ଙ୍କୁ ମଧ୍ୟ କାଫିର୍ (ଅବିଶ୍ୱାସକାରୀ)ବୋଲି କହି ଦେଇଛନ୍ତି ।

### ଓ୍ୱଲି (ସନ୍ଥ) ହେବା ପାଇଁ ଈଶ୍ୱର ପ୍ରଦତ ଶକ୍ତି ଦ୍ୱାରା କାମ ନିଅନ୍ତୁ

ବହୁତ ଲୋକ ଅଛନ୍ତି ଯେଉଁମାନେ ଲମ୍ପଟ ପ୍ରକୃତି ଓ ବିଳାସପୂର୍ଣ୍ଣ ବ୍ୟଭିଚାରୀ ଜୀବନ ଅତିବାହିତ କରିଥାନ୍ତି ଏବଂ ସେମାନେ ସାଂସାରୀକ ପ୍ରସିଦ୍ଧି, ସମ୍ମାନ ଏବଂ ଧନ ଦଉଲତ ଖୋଜିଥାନ୍ତି । ଏହି ପ୍ରକାରର ଲାଳସା ଏବଂ ଇଚ୍ଛାକୁ ପୂରଣ କାରିବାର ଯୋଜନା ଓ ରଣନୀତି ପ୍ରସ୍ତୁତ କରିବାରେ ନିଜର ଜୀବନକୁ ଅତିବାହିତ କରିଦିଅନ୍ତି । ସେମାନଙ୍କ ଇଚ୍ଛା ଓ ଅଭିଳାଷା ଶେଷ ହୋଇନଥାଏ ଯେ ମୃତ୍ୟୁର ବାର୍ତା ଆସି ପହଂଚିଯାଏ । ସେମାନଙ୍କୁ ବି ଈଶ୍ୱର ଶକ୍ତି ଓ ସାମର୍ଥ୍ୟ ଦେଇଥିଲେ । ଯଦି ସେହି ଶକ୍ତିକୁ ସେମାନେ ବ୍ୟବହାର କରିଥାନ୍ତେ ତା'ହେଲେ ସତ୍ୟକୁ ହାସଲ କରିପାରିଥାନ୍ତେ । ଅଲ୍ଲାଃ ତାଲା କୃପଣତା କରିନାହାନ୍ତି, କିନ୍ତୁ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଦ୍ୱାରା କାମ ନେଲେ ନାହିଁ । ଏହା ସେମାନଙ୍କ ନିଜସ୍ୱ ଦୁର୍ଭାଗ୍ୟ । ସେହି ବ୍ୟକ୍ତି ହେଉଛି ପୂଣ୍ୟବନ୍ତ ଓ ସୌଭାଗ୍ୟଶାଳୀ ଯିଏ ସେହି ଶକ୍ତି ଓ ସାମର୍ଥ୍ୟ ଦ୍ୱାରା କାମ ନିଏ । ବହୁତ ଲୋକ ଏପରି ଅଛନ୍ତି, ଯେବେ ସେମାନଙ୍କୁ କୁହାଯାଏ ଯେ ତୁମେ ଅଲ୍ଲାଃଙ୍କୁ ଭୟ କର ଏବଂ ତାହାଙ୍କ ଆଜ୍ଞା / ଆଦେଶାବଳୀ ପାଳନ କର ଏବଂ ତାହାଙ୍କ ନିଷେଧାଜ୍ଞାରୁ ଦୁରେଇ ରୁହ ସେତେବେଳେ ସେମାନେ ଏକଥା କହିଦିଅନ୍ତି ଯେ କ'ଣ ଆମେ ଓ୍ୱଲି (ସନ୍ଥ) ହୋଇଯିବୁ? ଏହି ପ୍ରକାରର ବାକ୍ୟ ମୋ ନିକଟରେ କୁଫର୍ (ଅର୍ଥାତ ଅବିଶ୍ୱାସ) ଅଟେ । ଅଲ୍ଲାଃଙ୍କ ଉପରେ ସନ୍ଦେହ ଅଟେ । ଅଲ୍ଲାଃଙ୍କ ନିକଟରେ କ'ଣ ଅଭାବ ଅଛି? ସେ କୌଣସି ସରକାରଙ୍କ ସୀମିତ ଚାକିରି ତ' ନୁହେଁ ଯାହା ଶେଷ ହୋଇଯିବ ବରଂ ଯିଏ ଅଲ୍ଲାଃ ତାଲାଙ୍କ ସହିତ ପ୍ରକୃତ ସମ୍ପର୍କ ସ୍ଥାପନ କରିନେବ ସେ ସେହି ସମସ୍ତ ସୌଭାଗ୍ୟରୁ ଉପକୃତ ହୋଇପାରିବ ଯାହା ସତ୍‌ପୁରୁଷମାନଙ୍କୁ ପୂର୍ବେ ଦିଆଯାଇଥିଲା ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୧୮ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ୍)***

**ସତ୍ୟକୁ ଗ୍ରହଣ କରିବାକୁ ହେଲେ ଖାଦ୍ୟ ପେୟର ସରଳତା, ସାଂସାରିକ ଲୋଭରୁ ଦୁରେଇ ରହିବା ଏବଂ ମାତ୍ରାଧିକ ଆଶା ଓ ଆକାଂକ୍ଷାରୁ ବର୍ତି ରହିବା ଜରୁରୀ ଅଟେ । ଯେଉଁ ବ୍ୟକ୍ତି ସତ୍ୟର ବନ୍ଧୁ, ତା' ପାଇଁ ସେହି ସମସ୍ତ କଥାରୁ ବଂଚି ରହିବା ଜରୁରୀ । ଯଦି ଜଣେ ଏହି ତିନୋଟି ବିଷୟରୁ ବର୍ତି ରହୁନାହିଁ ତା'ହେଲେ ତା'ର ସତ୍ୟକୁ ଖୋଜିବା ନିରର୍ଥକ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜର୍‌ର ଆୟତ ନଂ-୦୪ **ଜର୍‌ହୁମ୍ ୟାକୁଲୁ ଓ୍ୱ ୟତମତ୍ତଉ ଓ୍ୱ......... ୟୁଲ୍‌ହିହିମୁଲ୍ ଅମଲୁ ଫସୌଫା ୟାଲମୁନ୍** ର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି:-

ଏହି ଆୟତରେ ବତାଯାଇଅଛି ଯେ ଏହି ଲୋକମାନେ ବିଭିନ୍ନ ପ୍ରସଙ୍ଗରେ ଇସ୍‌ଲାମ୍‌ର ଶ୍ରେଷ୍ଠତାକୁ ସ୍ୱୀକାର କରୁଛନ୍ତି ଓ କରିବେ କିନ୍ତୁ ପୁଣି ମଧ୍ୟ ଇସ୍‌ଲାମ୍ ଆଡ଼କୁ ପଦକ୍ଷେପ ନେବା ସେମାନଙ୍କ ଭାଗ୍ୟରେ ନାହିଁ । ୟୁରୋପର ଲୋକମାନେ ଇସ୍‌ଲାମିକ ପ୍ରସଙ୍ଗଗୁଡ଼ିକର ଶ୍ରେଷ୍ଠତାକୁ ମାନୁଛନ୍ତି କିନ୍ତୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି କାରଣ ସମାଜର ପ୍ରଶ୍ନ ରହିଛି ।

ସେମାନେ ନିଜର ଖାଦ୍ୟପେୟ ଯୋଗୁଁ, ନିଜର ବେପାର ବାଣିଜ୍ୟ ଓ ଶିଳ୍ପ ଯୋଗୁଁ ଏବଂ ନିଜ ଭବିଷ୍ୟତର ଲାଳସା ଯୋଗୁଁ ମୁସଲମାନ ହେଉନାହାନ୍ତି । ଏଥିରେ ପୂର୍ବତମ ଆୟତ ଭାବାର୍ଥରେ ଯେଉଁ ପ୍ରଶ୍ନ ଉଠିଥିଲା, ତାହାର ଉତର ଦିଆଯାଇଅଛି । ଅର୍ଥାତ ଯେବେ ସେହି ଲୋକମାନେ ଇଚ୍ଛା ପ୍ରକାଶ କରିଥାନ୍ତି ଓ କରିବେ ଯେ କାଳେ ସେମାନେ ମୁସଲମାନ ହୋଇଥାନ୍ତେ କି । କିନ୍ତୁ କାହିଁକି ମୁସଲମାନ ହେଉନାହାନ୍ତି ? ସେମାନଙ୍କର ବିଳାସପୂର୍ଣ୍ଣ ଜୀବନ ଯାପନ ଧନସମ୍ପତିର ମୋହ ଏବଂ ସେମାନଙ୍କର ଅସମାପ୍ତି ଲୋଭ ସେମାନଙ୍କ ରାସ୍ତାରେ ପ୍ରତିବନ୍ଧକ ସାଜିଛି ।

ଏହି ଆୟତରୁ ଏ ଶିକ୍ଷା ମିଳୁଛି ଯେ ସତ୍ୟକୁ ଗ୍ରହଣ କରିବାକୁ ହେଲେ ଖାଦ୍ୟ ପେୟର ସରଳତା, ସାଂସାରିକ ଲୋଭରୁ ଦୁରେଇ ରହିବା ଏବଂ ମାତ୍ରାଧିକ ଆଶା ଓ ଆକାଂକ୍ଷାରୁ ବର୍ତି ରହିବା ଜରୁରୀ ଅଟେ । ଯେଉଁ ବ୍ୟକ୍ତି ସତ୍ୟର ବନ୍ଧୁ, ତା' ପାଇଁ ସେହି ସମସ୍ତ କଥାରୁ ବଂଚି ରହିବା ଜରୁରୀ । ଯଦି ଜଣେ ଏହି ତିନୋଟି ବିଷୟରୁ ବର୍ତି ରହୁନାହିଁ ତା'ହେଲେ ତା'ର ସତ୍ୟକୁ ଖୋଜିବା ନିରର୍ଥକ । ଯଦି ସତ୍ୟ ତା' ପାଇଁ ସ୍ପଷ୍ଟ ବି ହାଇଯାଏ ତେବେ ମଧ୍ୟ ସେ ତାକୁ ଗ୍ରହଣ କରିବ ନାହିଁ । ଏହି

## ନବୀ ସ:ଆ:ସଙ୍କ ବାଣୀ

### ସଦ୍‌କାଃ ଅର୍ଥାତ ଦାନପୂଣ୍ୟ କାର୍ଯ୍ୟ ଶୀଘ୍ର କରିବାକୁ ଉପଦେଶ

(୧୪୧୯) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସି ନିବେଦନ କଲେ ଯେ: ହେ ଅଲ୍ଲାଃଙ୍କ ରସୁଲ୍ ! କେଉଁ ପ୍ରକାର ସଦ୍‌କାଃ (ଦାନପୂଣ୍ୟ) ଅର୍ଜନ କରିବାରେ ଅଧିକ ଲାଭ ଦାୟକ ? ମହାଭାଗ ସ:ଆ:ସ କହିଲେ: ତୁମେ ସୁସ୍ଥ ସବଳ ଥିବା ବେଳେ ସଦ୍‌କାଃ କରୁଥିବେ ଓ ଯେତେବେଳେ ତୁମେ ଧନ ଅର୍ଜନ କରିବାର ଅଭିଳାଷି ଥିବ ଓ କୃପଣ ହୋଇଥିବ ଓ ରଖିଥିବ ତେଣୁ ନିର୍ଦ୍ଧନତାକୁ ଭୟ କରୁଥିବ ଏବଂ ଧନୀ ହେବା ପାଇଁ ଆଶା ରଖିଥିବ ଏବଂ ଜୀବନ ଚାଲିଯିବାର ଶେଷ ମୁହୁର୍ତ ପର୍ଯ୍ୟନ୍ତ ବିଳମ୍ବ କରନାହିଁ ଯେ ଅମୁକ ଲୋକଙ୍କୁ ଏତେ ଦେଇଥାନ୍ତି ଓ ସମୁକ ଲୋକକୁ ଏତେ ଦେଇଥାନ୍ତି । ଯେବେ କି ତାହା ଅମୁକ ଲୋକର ହୋଇସାରିଛି ।

### ଲମ୍ୱା ହାତର ଅର୍ଥ ହେଉଛି ଦାନଶୀଳତା ।

(୧୪୨୦) ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସଙ୍କର କେତେକ ପତ୍ନୀ ନବୀ ସ:ଆ:ସଙ୍କଠାରୁ ଜାଣିବାକୁ ଚାହିଁଲେ: ଆମମାନଙ୍କ ମଧ୍ୟରୁ କିଏ ସର୍ବପ୍ରଥମେ ଆପଣଙ୍କ ସହିତ ଭେଟିବେ? ମହାଭାଗ ସ:ଆ:ସ କହିଲେ:- ଯାହାର ହାତ / ବାହୁ ଅଧିକ ଲମ୍ୱା ହୋଇଥିବ । ତେଣୁ ସେମାନେ ଗୋଟିଏ କାଠ ଖଣ୍ଡ ଆଣି ନିଜ ନିଜର ହାତକୁ ମାପିବା ଆରମ୍ଭ କଲେ । ହଜ୍‌ରତ୍ ସୌଦାଃ ର:ଅଙ୍କ ହାତ ସୁବଠାରୁ ଅଧିକା ଲମ୍ୱା ଥିଲା । ଆମକୁ ପରେ ଜଣାପଡ଼ିଲା ଯେ ହାତ ଲମ୍ୱା ଥିବାର ଅର୍ଥ ସଦ୍‌କାଃ (ଦାନପୂଣ୍ୟ) ଥିଲା ଏବଂ ଆମମାନଙ୍କ ମଧ୍ୟରୁ ସର୍ବପ୍ରଥମେ ସେହି ପତ୍ନୀ ଜଣକ ମହାଭାଗ ସ:ଆ:ସଙ୍କ ସହିତ ଭେଟିଲେ ଯିଏ ସଦ୍‌କାଃକୁ ବହୁତ ଭଲ ପାଉଥିଲେ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

ଆୟତରେ ଏହା ମଧ୍ୟ ସୂଚିତ କରାଯାଇଅଛି ଯେ କୁଫ୍‌ଫାର୍ ଅର୍ଥାତ ଅବିଶ୍ୱାସକାରୀମାନେ ଲୋକମାନଙ୍କୁ ଭୟଭୀତ କରିବା ପାଇଁ ନିଜର ଟେବୁଲ୍‌କୁ ବ୍ୟାପକ କରୁଥିଲେ, ଧନସମ୍ପତି ଅର୍ଜନ କରୁଥିଲେ ଏବଂ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ପରାସ୍ତ କରିବା ପାଇଁ ସୁଦୂରପ୍ରସାରୀ ପଦକ୍ଷେପ ଗ୍ରହଣ କରୁଥିଲେ । ଯେବେକି ମୁହମ୍ମଦ ରସୁଲୁଲ୍ଲାଃ ଏହି ସମସ୍ତ କଥାରୁ ମୁକ୍ତ ଥିଲେ । କିନ୍ତୁ ଏହା ସତ୍ୱେ ମଧ୍ୟ ଅଲ୍ଲାଃ ତାଲା କହିଲେ ଯେ ମୁହମ୍ମଦ ରସୁଲୁଲ୍ଲାଃ ବିଜୟୀ ହେବେ ଏବଂ ତାହାଙ୍କ ସଫଳତାକୁ ଦେଖି କୁଫ୍‌ଫାରଙ୍କ ହୃଦୟ ଦୁଃଖିତ ହେବ ।

ଏହି ଆୟତଟି ଏଥିପ୍ରତି ମଧ୍ୟ ଇଙ୍ଗିତ କରୁଅଛି ଯେ **ଲୌ କାନୁ ମୁସ୍‌ଲିମୀନ୍** । କୁଫ୍‌ଫାର୍ ମାନଙ୍କର ଏହା ସାମୟିକ ଭାବନା ଥିଲା ଅନ୍ୟଥା, ସେମାନେ ବାସ୍ତବରେ ଖାଇବା ପିଇବା ଏବଂ ଧନସମ୍ପତି ଅର୍ଜନ କରିବାରେ ଲାଗି ରହିଛନ୍ତି । ଅସ୍ଥାୟୀ ଭାବନା ମଣିଷକୁ ଲାଭ ଦିଏନାହିଁ ବରଂ ସ୍ଥାୟୀ ଭାବନା ଲାଭ ଦେଇଥାଏ । ମୁସଲମାନମାନଙ୍କର ନିରନ୍ତର ଭାବନା ଜଣେ ମୁସ୍‌ଲିମ୍ ହେବାରେ ନିହିତ ରହିଛି । ଅସ୍ଥାୟୀ ଭାବରେ ସେମାନେ ଖାଦ୍ୟପେୟ ଗ୍ରହଣ କରିଥାନ୍ତି, ଧନ ଦଉଲତ ଅର୍ଜନ କରିଥାନ୍ତି ଏବଂ ଆସନ୍ତା ପାଇଁ କିଛି ଯୋଜନା ମଧ୍ୟ ପ୍ରସ୍ତୁତ କରିଥାନ୍ତି । ଅତଏବ ଏହି ସମସ୍ତ କାର୍ଯ୍ୟ କରିବା ସତ୍ୱେ ମଧ୍ୟ ଏମାନେ ମାର୍ଗଦର୍ଶନ ପାଉଥିବା ସ୍ଥଳେ କାଫିର୍ ଅର୍ଥାତ ଅବିଶ୍ୱାସକାରୀମାନେ ମାର୍ଗଦର୍ଶନ ପାଉନାହାନ୍ତି । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୭.......୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

GELNHAUSEN, GINSHEIN, MAINZ, NEUHOF, ଏବଂ HAMBUR ରୁ ଆସିଥିଲେ ।

କେତେକ ଯମାତ୍‌ଗୁଡ଼ିକରୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ବହୁତ ଦୂର ରାସ୍ତା ଅତିକ୍ରମ କରି ହଜୁରଙ୍କ ସହିତ ସାକ୍ଷାତ କରିବାପାଇଁ ଏଠାରେ ଆସି ପହଂଚିଥିଲେ । ବିଶେଷ ରୂପେ ହାମ୍‌ବର୍ଗ ସହରରୁ ଆସିଥିବା ପରିବାରଗୁଡ଼ିକ ୫୦୦ କିଲୋମିଟର ଯାତ୍ରା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

ଜର୍ମାନୀ ଯମାତ୍‌ଗୁଡ଼ିକ ବ୍ୟତିତ Lithuania ଦେଶରୁ ଆସିଥିବା ଅହେମଦୀମାନେ ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ସାକ୍ଷାତ କରିବା ସମୟରେ ଶିକ୍ଷା ହାସଲ କରୁଥିବା ବଡ଼ ବଡ଼ ପିଲାମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଆଜି ସାକ୍ଷାତ କରିବା ପାଇଁ ଆସିଥିବା ଲୋକମାନଙ୍କ ମଧ୍ୟରେ ବହୁ ସଂଖ୍ୟକ ଲୋକେ ଏପରି ପରିବାରରୁ ଥିଲେ ଯେଉଁମାନେ ଚଳିତ ବର୍ଷ ପାକିସ୍ତାନରୁ ଆସି ଏଠାରେ ପହଂଚିଥିଲେ ଏବଂ ନିଜ ପ୍ରୀୟ ଆକାଙ୍କୁ ଦର୍ଶନ କରିବାପାଇଁ ଜୀବନର ପ୍ରଥମ ଥର ପାଇଁ ତାଙ୍କୁ ଅବସର ମିଳିଥିଲା । ଏମାନେ ନିଜ ଦେଶରେ ଓ ନିଜ ଦେଶର ଲୋକମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ଏଠାକୁ ଆସିଛନ୍ତି । ଏହି ଲୋକମାନେ ଏବଂ ସେମାନଙ୍କର ସନ୍ତାନମାନେ କେଡ଼େ ସୌଭାଗ୍ୟବାନ୍ ଯେ, ସେମାନେ ଆଜି ନିଜ ପ୍ରୀୟ ଆକାଙ୍କ ନିକଟରେ କିଛି ଘଂଟା ଅତିବାହିତ କଲେ । ଏମାନଙ୍କର ସମସ୍ତ ଦୁଃଖକଷ୍ଟ ଦୂର ହୋଇଗଲା ଏବଂ ହୃଦୟ ଆତ୍ମସନ୍ତୋଷତାରେ ଭରିଗଲା ଓ କେବେବି ଶେଷ ହେଉନଥିବା ଦୁଆ ର ଭଣ୍ଡାରକୁ ସେମାନେ ଏଠାରୁ ନେଇ ବିଦା ହୋଇଥିଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ୨ଟା ୧୫ ମିନିଟରେ ଶେଷ ହେଲା ।

**ତକରିବେ ଆମିନ୍**

ତା'ପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରେ ପଦାର୍ପଣ କଲେ । ଯେଉଁଠି ପ୍ରୋଗ୍ରାମ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।

ହଜୁର ଅନୱର ଅ:ବ:ଅ ନିମ୍ନଲିଖିତ ୨୫ ଜଣ ପୁଅ ଓ ଝିଅ ପିଲାଙ୍କ ଠାରୁ ପବିତ୍ର କୁର୍‌ଆନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ନିମ୍ନଲିଖିତ ସୌଭାଗ୍ୟବାନ୍ ପୁଅ ଓ ଝିଅ ପିଲାମାନେ ଆମିନ୍‌ର ଏହି ଉତ୍ସବରେ ସାମିଲ ହେବାର ସୌଭାଗ୍ୟ ପାଇଲେ ।

ଅଜିଜମ୍ ଅହ୍‌ମଦ୍ ଫୌଜାନ୍ ରାଜା, ଅଜିଜମ୍ ଅଦନ୍ ମେହ୍‌ମୁଦ୍, ଅଜିଜମ୍ ଉମଙ୍ଗ ମେହ୍‌ମୁଦ୍, ଅଜିଜମ୍ ସବାହତ୍ ଅହ୍‌ମଦ୍ ଶକିଲ୍, ଅଜିଜମ୍ ବିଲାଲ୍ ଅହ୍‌ମଦ୍ ତହ୍‌ସିନ୍, ଅଜିଜମ୍ ରଜା ଅହ୍‌ମଦ୍, ଅଜିଜମ୍ ବାସିଲ୍ ଅହ୍‌ମଦ୍ ବଟ୍ଟ, ଅଜିଜମ୍ ମଲକ୍ ଫାରାନ୍ ଅହ୍‌ମଦ୍, ଅଜିଜମ୍ ଏହ୍‌ତେଶାମ୍ ଅହ୍‌ମଦ୍, ଅଜିଜମ୍ ମଗ୍‌ଫୁର୍ ଅହ୍‌ମଦ୍, ଅଜିଜମ୍ ବାସିଲ୍ ଅହ୍‌ମଦ୍ ବାଜୱା, ଅଜିଜମ୍ ଜାହାଁଯେବ୍ ତନ୍‌ୱିର୍, ଅଜିଜମ୍ ସୁହୈବ୍ କାମ୍‌ରାନ୍ ଜାୱେଦ୍, ଅଜିଜମ୍ ଜିଶାନ୍ ମେହ୍‌ମୁଦ୍ ମଲକ୍, ଅଜିଜମ୍ ଫାରାନ୍ ମେହ୍‌ମୁଦ୍ ମଲକ୍, ଅଜିଜମ୍ ଜକି ଅହ୍‌ମଦ୍, ଅଜିଜମ୍ ଜାୟିବ୍ ଅହ୍‌ମଦ୍ ଏବଂ ଅଜିଜମ୍ ଶାଜିଲ୍ ନାସିର୍ ।

ଅଜିଜାଃ ତହ୍‌ମିନାଃ ଅହ୍‌ମଦ୍, ଅଜିଜାଃ କାଏନାତ୍ ନଫିସ୍, ଅଜିଜାଃ ସାଇରା ଇଫତ୍, ଅଜିଜାଃ ଗଜାଲା ତହ୍‌ରିମ୍, ଅଜିଜାଃ ମରିୟମ୍ ଗୁଲ୍, ଅଜିଜାଃ ହାଲା କମର୍ ଜଫର୍ ଏବଂ ଅଜିଜାଃ କୁର୍‌ରତୁଲ୍ ଅଏନ୍ ।

ଆମିନ୍ ଉତ୍ସବରେ ଭାଗ ନେଇଥିବା ଏହି ପୁଅଝିଅମାନେ ନିମ୍ନଲିଖିତ ଯମାତ୍‌ଗୁଡ଼ିକରୁ ଆସିଥିଲେ ।

LEWBUK, BURCHSAL, HEILBRONN, EPPELHEIN, NURNBERG, PFORZHEIN, BREMEN, KARLSRUHE, HAIDELBURG, HANNOVER, BUTEHUDE, SOEST, RATINGEN, CALW, DORTMUND, RENNINGEN, WAIBLINGEN & ESSLINGEN

ଏହି ଉତ୍ସବରେ ସାମିଲ ହେବା ପାଇଁ Hannover ରୁ ଆସିଥିବା ପିଲାମାନେ ୩୫୦ କିଲୋମିଟର ଏବଂ Bremen ରୁ ଆସିଥିବା ପିଲାମାନେ ୪୩୦ କିଲୋମିଟର ଲମ୍ବା ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

ଆମିନ୍‌ର ଏହି ଉତ୍ସବ ପରେ ହଜୁର ଅନୱର ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ ନମାଜ ପାଠ ପରେ ହଜୁର ଅନୱର ଅ:ବ:ଅ ନିଜ ଆବସସ୍ଥଳୀକୁ ଚାଲିଗଲେ ।

ଉପରବେଳା ମଧ୍ୟ ହଜୁର ଅନୱର ଅ:ବ:ଅ କିଛି କାର୍ଯ୍ୟାଳୟ ସମ୍ବନ୍ଧିତ କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ପ୍ରୋଗ୍ରାମ ମୁତାବକ ସନ୍ଧ୍ୟା ୬ଟା ବେଳେ ହଜୁର ଅନୱର ଅ:ବ:ଅ ନିଜ ପ୍ରୀୟ ଦଫ୍‌ତର୍‌କୁ ଆସିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା ।

**ପାରିବାରିକ ଓ ବ୍ୟକ୍ତିଗତ ସାକ୍ଷାତକାର**

ଆଜି ସନ୍ଧ୍ୟାର ଏହି ପ୍ରୋଗ୍ରାମ୍‌ରେ ଜର୍ମାନୀର ୪୩ଟି ଯମାତ୍‌ରୁ ଆସିଥିବା ୫୬ଟି ପରିବାରରୁ ୨୦୪ ଜଣ ସଦସ୍ୟ ଏବଂ ୪୮ ଜଣ ବ୍ୟକ୍ତିଗତ ଭାବରେ ପ୍ରୀୟ ହଜୁରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

କ୍ୟାସେଲ୍ ସହରରୁ ଆସିଥିବା ପରିବାରଗୁଡ଼ିକ ୧୮୦ କିଲୋମିଟର ଏବଂ HANNOVER ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୩୫୦ କିଲୋମିଟର ଲମ୍ବା ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ଏହି ସମସ୍ତ ଫ୍ୟାମିଲିଗୁଡ଼ିକ ଏବଂ ବ୍ୟକ୍ତିଗତ ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ସାକ୍ଷାତ କରିବା ସମୟରେ ଶିକ୍ଷା ହାସଲ କରୁଥିବା ବଡ଼ ବଡ଼ ପିଲାମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୯ଟା ପର୍ଯ୍ୟନ୍ତ ଜାରି ରହିଲା ।

ତା'ପରେ ହଜୁର ଅନୱର ଅ:ବ:ଅ ମୋକରମ୍ ସଇଦ୍ ରଫିକ୍ ସାହେବ ମୁବ୍‌ଲିଗ୍ ସିଲ୍‌ସିଲାଙ୍କ ଦାୱତେ ୱଲିମା (ବିବାହ ଭୋଜି)ରେ ଯୋଗ ଦେଲେ । ଏହି ୱଲିମାର ଆୟୋଜନ ବଇତୁସ୍ ସବୁହ୍‌ର ଗୋଟିଏ ହଲ୍ ଭିତରେ କରାଯାଇଥିଲା । (ସଇଦ୍ ରଫିକ୍ ସାହେବ୍ ଏମ୍‌ଟିଏ ଇଂଟରନ୍ୟାସନାଲ୍‌ର ଲାଇବ୍ରେରୀ ବିଭାଗରେ ସେବା କାର୍ଯ୍ୟ ସମ୍ପାଦନ କରୁଛନ୍ତି ଓ ତାଙ୍କ ବିବାହ ଜର୍ମାନୀରେ ହେଲା) ।

ଏହି ପ୍ରୋଗ୍ରାମ ପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍ ଭିତରେ ପ୍ରବେଶ କଲେ ଏବଂ ଠିକ୍ ୯:୪୫ ମିନିଟରେ ମଗ୍‌ରିବ୍ ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନୱର ଅ:ବ:ଅ ନିଜ ଆବସସ୍ଥଳୀକୁ ଚାଲିଗଲେ ।

**୨୫ ମଇ ୨୦୧୫ (ସୋମବାର)**

ହଜୁର ଅନୱର ଅ:ବ:ଅ ପ୍ରତ୍ୟୁଷ ୪:୩୦ରେ ମସ୍‌ଜିଦ୍ ବଇତୁଲ୍ ନୂରଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ବିଭିନ୍ନ ଦେଶରୁ ପ୍ରାପ୍ତ ହୋଇଥିବା ଫ୍ୟାକ୍ସ ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲି ଓ ବ୍ୟକ୍ତିଗତ ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ସକାଳ ୧୧:୩୦ ମିନିଟରେ ହଜୁର ଅନୱର ଅ:ବ:ଅ ନିଜ ଦଫ୍‌ତର୍‌ରେ ପହଂଚିଲେ ଏବଂ ସେଠାରେ ପାରିବାରିକ ଓ ବ୍ୟକ୍ତିଗତ ସାକ୍ଷାତକାରର ପ୍ରୋଗ୍ରାମ ଆରମ୍ଭ ହେଲା ।

ଆଜି ପ୍ରୋଗ୍ରାମ ମୁତବାକ ଏହି ଶେସନ୍‌ରେ ୩୯ଟି ପରିବାରର ୧୪୩ ଜଣ ସଦସ୍ୟ ଏବଂ ୬ ଜଣ ବ୍ୟକ୍ତିଗତ ଏହିଭଳି ମୋଟ ୧୪୯ଜଣ ସଦସ୍ୟ ନିଜ ପ୍ରୀୟ ହଜୁରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ଏମାନେ ସମସ୍ତେ ପ୍ରୀୟ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଚଉଦ ହିଜ୍‌ରୀରେ ହଜ୍‌ରତ୍ ଉମର୍ ଫାରୁକ୍ ର:ଅଙ୍କ ଖିଲାଫତ୍ ସମୟରେ ମୁସଲମାନ ଏବଂ ଇରାନୀମାନଙ୍କ ମଧ୍ୟରେ କାଦିସିୟାଠାରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଲଢ଼ାଯାଇଥିଲା । ଫଳସ୍ୱରୂପ ଇରାନର ସାମ୍ରାଜ୍ୟ ମୁସଲମାନମାନଙ୍କ ଅଧିନକୁ ଚାଲି ଆସିଲା ।**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ଖଲିଫା ରାଶିଦ୍ ଫାରୁକ୍ ଆଜମ୍ ହଜ୍‌ରତ୍ ଉମର୍ ର:ଅଙ୍କ ଗୁଣଗାରିମାର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା**

**'ଅଲ୍ଲାଃ ତାଲା ମନ୍ଦ ଜିନିଷକୁ ମନ୍ଦକାର୍ଯ୍ୟ ଦ୍ୱାରା ଦୂର କରନ୍ତି ନାହିଁ ବରଂ ତାକୁ ପୁଣ୍ୟ କାର୍ଯ୍ୟ ଦ୍ୱାରା ଦୂର କରନ୍ତି । ଅଲ୍ଲାଃ ଏବଂ ଭକ୍ତଙ୍କ ମଧ୍ୟରେ ଆଜ୍ଞାବହତା ବ୍ୟତୀତ ଅନ୍ୟ କୌଣସି ସମ୍ପର୍କ ନାହିଁ । ...... ତୁମେ ଏକ କଷ୍ଟକର କାର୍ଯ୍ୟ ଗ୍ରହଣ କରିଛ ତେଣୁ ନିଜକୁ ଓ ନିଜ ସାଥିମାନଙ୍କୁ ପୂଣ୍ୟ କର୍ମର ଅଭ୍ୟାସ କରାଅ ଓ ଏହା ମାଧମରେ ବିଜୟ ଲଭ । ଏ କଥା ମନେରଖ ଯେ ପ୍ରତ୍ୟେକ ଜିନିଷର ଅଭ୍ୟାସ ପାଇଁ ଏକ ମାଧମ ରହିଛି । ପୂଣ୍ୟ କର୍ମର ଅଭ୍ୟାସ ପାଇଁ ଧୈର୍ଯ୍ୟ ହେଉଛି ମାଧମ''**

**ବୁଓ୍ୱେବ୍ ଓ କାଦିସିୟା ଯୁଦ୍ଧରେ ଘଟିଥିବା ଘଟଣାବଳୀଗୁଡ଼ିକର ବିସ୍ତୃତ ବିବରଣୀ**

**କାଦିସିୟା ଯୁଦ୍ଧରେ ଇରାନୀ ସେନାର ତିରିଶି ହଜାର ସୈନିକ ଶିକୁଳିରେ ବନ୍ଧା ହୋଇଥିଲେ କାରଣ ଏତଦ୍‌ଦ୍ୱାରା କାହାକୁ ବି ଯୁଦ୍ଧ କ୍ଷେତ୍ରକୁ ଛାଡ଼ି ପଳାୟନ କରିବାର ଅବସର ମିଳିବ ନାହିଁ ।**

**ହଜ୍‌ରତ୍ ସାଆଦ୍ ର:ଅ ମୁସଲମାନ ସୈନିକମାନଙ୍କୁ ସୁରଃ ଅନ୍‌ଫାଲ୍ ପଢ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯେତେବେଳେ ସେହି ସୁରଃକୁ ଆବୃତି କରାଗଲା ମୁସଲମାନମାନେ ଶାନ୍ତି ଅନୁଭବ କଲେ ।**

**''ଏହି ମହାନ୍ ପରିବର୍ତନ ମୁସଲମାନମାନଙ୍କ ମଧ୍ୟରେ କିପରି ସୃଷ୍ଟି ହେଲା ? ଏହା ଏଥିଯୋଗୁଁ ହୋଇପାରିଲା ଯେ ପବିତ୍ର କୁର୍‌ଆନ୍‌ର ଶିକ୍ଷା ସେମାନଙ୍କ ଚରିତ୍ର ଓ ସେମାନଙ୍କର ଅଭ୍ୟାସରେ ଏକ ବିପ୍ଳବ ସୃଷ୍ଟି କରିଥିଲା । ସେମାନଙ୍କ ନିମ୍ନମାନର ତୁଚ୍ଛ ଜୀବନ ଉପରେ ମୃତ୍ୟୁ ଆସିଯାଇଥିଲା ଏବଂ ସେହି ପବିତ୍ର କୁର୍‌ଆନ୍‌ର ଶିକ୍ଷା ସେମାନଙ୍କୁ ଉଚ୍ଚ ଚରିତ୍ର ଏବଂ ଉଚ୍ଚତମ ନୈତିକ ସ୍ତରରେ ଆଣି ପହଂଚାଇ ଦେଇଥିଲା ।'' (ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ)**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍: ୨୩ ଜୁଲାଇ ୨୦୨୧ ଅନୁଯାୟୀ ୨୩ ୱଫା ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବିଗତ ଖୁତ୍‌ବାରୁ ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଅବ୍ୟାହତ ରହିଛି । ସେହି କ୍ରମରେ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ହୋଇଥିବା ଯୁଦ୍ଧ ସମ୍ପର୍କରେ ଚର୍ଚ୍ଚା କରିବି । ଗୋଟିଏ ଯୁଦ୍ଧର ନାମ ହେଉଛି ବୁଓ୍ୱେବ୍ ଯୁଦ୍ଧ । ଏହା ୧୩ ହିଜ୍‌ରୀରେ ଲଢ଼ାଯାଇଥିଲା । କିଛି ଐତିହାସିକଙ୍କ ମତରେ ଏହା ୧୬ ହିଜ୍‌ରୀରେ ହୋଇଥିଲା । ଜିସର୍ ଯୁଦ୍ଧ ସମ୍ବନ୍ଧରେ ଗତ ଖୁତ୍‌ବାରେ ଚର୍ଚ୍ଚା ହୋଇସାରିଛି । ଜିସର୍ ଯୁଦ୍ଧରେ ମୁସଲମାନମାନଙ୍କ ପରାଜିତ ହେବା ପରେ ହଜ୍‌ରତ୍ ମୁସନ୍ନା ହଜ୍‌ରତ୍ ଉମର୍ ର:ଅଙ୍କୁ ଏ ବିଷୟରେ ଖବର ପଠାଇ ଅବଗତ କରାଇଲେ । ହଜ୍‌ରତ୍ ଉମର୍ ର:ଅ ଖବରଦାତାଙ୍କୁ କହିଲେ ଯେ ନିଜ ସାଥିମାନଙ୍କ ନିକଟକୁ ଫେରିଯାଅ ଓ ସେମାନଙ୍କୁ କହିଦିଅ ଯେ ଇସ୍‌ଲାମୀକ୍ ସେନା ଯେଉଁଠି ଅଛି ସେହିଠାରେ ରହୁ । ଯଥାଶିଘ୍ର ସାହାଯ୍ୟ ଆସୁଅଛି । ***(ଅଖ୍‌ବାରୁତ୍ ତୱାଲ୍ ଅଜ୍ ଅବୁ ହନିଫା ଦିନୱରୀ, ପୃ-୧୬୬-୧୬୭, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ୍ ୨୦୦୧)***

ଯସର୍ ଯୁଦ୍ଧରେ ପରାଜିତ ହେବା ପରେ ହଜ୍‌ରତ୍ ଉମର୍ ର:ଅ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଥିଲେ । ଅତଏବ ଆପଣ ସମଗ୍ର ଆରବ ଦେଶରେ ଖତିବ୍ ପ୍ରେରଣ କରି ଅର୍ଥାତ ବକ୍ତା ପ୍ରେରଣ କଲେ ଯେଉଁମାନେ ସମଗ୍ର ଆରବରେ ଉତ୍ସାହ ଭରି ଦେଲେ ଏବଂ ଆରବ ସମ୍ପ୍ରଦାୟମାନଙ୍କୁ ଏହି ଜାତୀୟ ଯୁଦ୍ଧ ପାଇଁ ଆହ୍ୱାନ ଦେଇଥିଲେ ଫଳତଃ ଆରବର କବିଲାଗୁଡ଼ିକ ଏହି ଜାତୀୟ ଯୁଦ୍ଧରେ ସାମିଲ ହେବା ପାଇଁ ଦଳ ଦଳ ହୋଇ ବାହାରିବା ଆରମ୍ଭ କରିଦେଲେ । ଉକ୍ତ ସୈନ୍ୟଦଳରେ ମୁସଲମାନମାନଙ୍କ ବ୍ୟତିତ ଖ୍ରୀଷ୍ଟ ସମ୍ପ୍ରଦାୟ ମଧ୍ୟ ସାମିଲ ଥିଲେ । ହଜ୍‌ରତ୍ ଉମର୍ ର:ଅ ମୁସଲମାନମାନଙ୍କର ଏକ ସୈନ୍ୟଦଳକୁ ଇରାକ୍ ପ୍ରେରଣ କରିଦେଲେ । ଅପରପକ୍ଷେ ହଜ୍‌ରତ୍ ମୁସ୍‌ନା ର:ଅ ମଧ୍ୟ ଇରାକ୍‌ର ସୀମାବର୍ତୀ ସ୍ଥାନରୁ ସୈନ୍ୟବାହିନୀ ଏକତ୍ରିତ କରିନେଇଥିଲେ । ରୁସ୍ତମକୁ ଯେତେବେଳେ ମୁସଲମାନ ସୈନ୍ୟମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସୁଚନା ପ୍ରାପ୍ତ ହେଲା । ସେତେବେଳେ ସେ ମେହେରାନ୍‌ର ନେତୃତ୍ୱରେ ଏକ ସେନାଦଳ ପ୍ରେରଣ କରିଥିଲା ହିରାଃ ନାମକ ଏକ ସହର ରହିଛି ଯାହା କୁଫା ସହରଠାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ । ତା' ନିକଟରେ ବୁଓ୍ୱେବ୍ ରହିଛି । ବୁଓ୍ୱେବ୍ କୁଫା ନିକଟରେ ଏକ କେନାଲ୍ ରହିଛି ଯାହା ଫୁରାତ୍ ନଦୀରୁ ବାହାରିଛି । ଏହି ସ୍ଥାନରେ ଦୁଇ ପକ୍ଷ ଯୁଦ୍ଧ ଲଢ଼ିବା ପାଇଁ ଧାଡ଼ି ବାନ୍ଧି ପ୍ରସ୍ତୁତ ହୋଇଗଲେ । ଏହି ଯୁଦ୍ଧ ରମ୍‌ଜାନ୍ ମାସରେ ଘଟିଥିଲା ଏହି ସ୍ଥାନର ନିକଟତମ ସ୍ଥାନ କୁଫା ସହର ଥିଲା । ଇରାନୀ ଜର୍ନଲ୍ ମେହ୍‌ରାନ୍ କହିଲା ଯେ ଆମେ ନଦୀ ପାର କରି ଆସିବୁ ଅବା ତୁମେ ଆସିବ ? ଏଥିରେ ହଜ୍‌ରତ୍ ମୁସନ୍ନା କହିଲେ ତୁମେ ନଦୀ ପାର ହୋଇ ଏପଟକୁ ଆସ । ପୂର୍ବ ଯୁଦ୍ଧରେ ମୁସଲମାନମାନେ ନଦୀ ପାର କରି ସେପଟେ ଯାଇ ଲଢ଼ିଥିଲେ । ତେଣୁ ଏଥିରକ ଏମାନେ ବୁଦ୍ଧି ଖଟାଇ ଇରାନୀମାନଙ୍କୁ କହିଲେ ଯେ ତୁମେ ନଦୀ ପାର ହୋଇ ଆସ । ହଜ୍‌ରତ୍ ମୁସ୍‌ନା ର:ଅ ସେନାକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିଥିଲେ ଏବଂ ପୂନଶ୍ଚ ମୁସଲମାନ ଧର୍ମଯୋଦ୍ଧା ମାନଙ୍କୁ ପ୍ରୋତ୍ସାହିତ କରିବାପାଇଁ ନିଜର ଭବ୍ୟ ଅଭିଭାଷଣ ପ୍ରଦାନ କରି ସେମାନଙ୍କର ଉତ୍ସାହ ବୃଦ୍ଧି କରିଥିଲେ ସେଥିଅନ୍ତେ ତାହାର ଅଲଗା ଅଲଗା ଭାବରେ ଅଭିଜ୍ଞ ସର୍ଦ୍ଦାର ମୃତୟନ କରିଥିଲେ ଏବଂ ନିଜର ପ୍ରଶିଦ୍ଧ ଘୋଡ଼ା ଯାହାର ନାମ ଶମୁସ୍ ଥିଲା, ତା' ଉପରେ ଆରୋହଣ କରି ଇସ୍‌ଲାମୀୟ ସେନାର ନିରୀକ୍ଷଣ କରିଥିଲେ ଏବଂ ପ୍ରତ୍ୟେକ ଧ୍ୱଜା ନିକଟରେ ଅଟକି ସେମାନଙ୍କୁ ଯୁଦ୍ଧ ସମ୍ପର୍କୀୟ ଜରୁରୀ ଉପଦେଶାବଳୀ ପ୍ରଦାନ କରିଥିଲେ । ସେମାନଙ୍କୁ ଅତ୍ୟନ୍ତ ଅନୁପ୍ରାଣିତ ମୂଳକ ଶବ୍ଦରେ ସୈନିକମାନଙ୍କ ଆତ୍ମ ବିଶ୍ୱାସ ଓ ସାହାସ ଅଭିବୃଦ୍ଧ କରିଥିଲେ ଏବଂ କହିଥିଲେ ମୋର ଆଶା ଯେ ଆଜି ତୁମମାନଙ୍କ ଯୋଗୁଁ ଆରବ ଉପରେ କାଳିମା ଲାଗିବ ନାହିଁ ପ୍ରଭୁଙ୍କ ରାଣ ! ଆଜି ମୁଁ ନିଜ ପାଇଁ ତାହା ପସନ୍ଦ କରେ ଯାହାକି ତୁମମାନଙ୍କ ମଧ୍ୟରୁ ଜଣେ ସାଧାରଣ ବ୍ୟକ୍ତି ପାଇଁ ମୋ ଦୃଷ୍ଟି ପସନ୍ଦ କରିଥାଏ ଅର୍ଥାତ ଆଜି ତୁମ ଓ ମୋ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ଆମେ ସମସ୍ତେ ସମାନ ।ଏଥିରେ ଉତ୍ସର୍ଗୀ ମୁସଲମାନ ସୈନ୍ୟମାନେ ନିଜ ମୁଖିଆର ସ୍ୱରରେ ପୂର୍ଣ୍ଣ ଆବେଗ, ଉତ୍ସାହର ସହ ଲବେକ୍‌ର ଉଚ୍ଚାରଣ ପୂର୍ନରାବୃତି କରିଥିଲେ ଏବଂ କାହିଁକି ବା କରିନଥାନ୍ତେ ଯେତେବେଳେ କି ସେ ନିଜର ପ୍ରତ୍ୟେକ କଥନ ଓ କାର୍ଯ୍ୟରେ ସର୍ବଦା ନିୟନ୍ତ୍ରଣ ଓ ନ୍ୟାୟ ଆଚରଣ କରିଥିଲେ ଏବଂ ତାଙ୍କର ଏହି ଆଚରଣ ସର୍ବଦା ଅଭିଚ୍ଛିନ୍ନ ରହିଥିଲା । ସୁଖ, ଦୁଃଖ ପ୍ରତ୍ୟେକ ପରିସ୍ଥିତିରେ ସେମାନଙ୍କ ସାଥିରେ ଉପସ୍ଥିତ ରହିଥିଲେ । ସୈନିକ ମାନଙ୍କ ମଧ୍ୟରୁ ଏପରି କେହି ବି ନଥିଲେ ଯିଏ ତାଙ୍କ ଉପରେ ଆଙ୍ଗୁଳି ଉଠାଇବାର ସାହାସ କରିପାରୁଥିବ । ***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୩୭୨..... ବେରୁତ ୨୦୧୨) (ମକାଲା ତାରିଖେ ଇସ୍‌ଲାମ୍ ବଅହ୍‌ଦେ ହଜ୍‌ରତ୍ ଉମର୍.... ପୃ-୨୩-୨୪) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୩୭୬) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୧, ପୃ-୬୦୭)***

ହଜ୍‌ରତ୍ ମୁସ୍‌ନା ର:ଅ ନିଜ ସେନାଙ୍କୁ ନିର୍ଦ୍ଦେଶ ଦେଲେ ମୁଁ ତିନିଥର ତକ୍‌ବିର୍ କହିବା ବେଳେ ସତର୍କ ଓ ସକ୍ରିୟ ରହିବ ସେ ନିଜ ସୈନ୍ୟମାନଙ୍କୁ ଏକଥା କହୁଛନ୍ତି । ଏବଂ ଯେତେବେଳେ ମୁଁ ଚତୁର୍ଥ ଥର ତକ୍‌ବିର୍ କହିବି ସେତେବେଳେ ଶତ୍ରୁ ଉପରେ ଆକ୍ରମଣ କରିଦେବ । ହଜ୍‌ରତ୍ ମୁସ୍‌ନା ର:ଅ ଯେତେବେଳେ ପ୍ରଥମ ତକ୍‌ବିର୍ ଉଚ୍ଚାରଣ କଲେ

ସେତେବେଳେ ଇରାନୀ ସେନା ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ ଯଦ୍ୱାରା ମୁସଲମାନମାନେ ମଧ୍ୟ ଶିଘ୍ରତା ଅବଲମ୍ବନ କଲେ ଏବଂ ବନୁ ଅଜଲ୍ ଗୋଷ୍ଠୀର କିଛି ସୈନିକ ନିଜ ଧାଡ଼ିରୁ ବାହାରି ମୁକାବିଲା ପାଇଁ ଦଉଡ଼ି ଗଲେ । ଏତଦଦ୍ୱାରା ସେନାରେ ବିଶୃଙ୍ଖଳା ସୃଷ୍ଟି ହୋଇଗଲା ଏହା ଦେଖି ହଜ୍‌ରତ୍ ମୁସ୍‌ନା ର:ଅ ଜଣେ ବ୍ୟକ୍ତିକୁ ବାର୍ତା ଦେଇ ପ୍ରେରଣ କଲେ ଯେ, ହେ ମୁସଲମାନଗଣ ଆଜି ମୁସଲମାନମାନଙ୍କୁ ଲୋକହସା ବା ନିନ୍ଦିତ କରିବ ନାହିଁ । ଏହି ସ୍ୱର ଶୁଣିବା ମାତ୍ରେ ଉକ୍ତ ଗୋଷ୍ଠୀଟି ନିଜ ସ୍ଥାନରେ ଅଟକି ଯାଇଥିଲା । ସେଥିଅନ୍ତେ ଯୁଦ୍ଧ ଆରମ୍ଭ ହୋଇଥିଲା ଏବଂ ଘମାସାନ ଯୁଦ୍ଧ ପରେ ଇରାନୀୟ ସେନାରେ ଦଳାଚକଟା ଆରମ୍ଭ ହୋଇଯାଇଥିଲା ଏହି ଯୁଦ୍ଧକୁ ୟୋମୁଲ୍ ଆଶାର୍ ବି କୁହାଯାଏ । କାରଣ ଏହି ଯୁଦ୍ଧରେ ଶହେଜଣ ଲୋକ ଏପରି ଥିଲେ, ଯେଉଁମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଦଶଜଣ ଲେଖା ଲୋକଙ୍କୁ ହତ୍ୟା କରିଥିଲେ । ଉକ୍ତ ଯୁଦ୍ଧରେ ଇରାନୀୟ ସେନାପତି ମେହେରାନ୍ ସମେତ ଏକଲକ୍ଷ ଇରାନୀୟ ସେନା ନୀହତ ହୋଇଥିଲେ । ଇରାନୀୟ ସୈନ୍ୟ ଯେତେବେଳେ ପରାଜୟ ସ୍ୱୀକାର କରି ପଳାୟନ କଲା କି ନଦୀପାର ହୋଇ ସୁରକ୍ଷିତ ସ୍ଥାନକୁ ଚାଲିଯିବେ ସେତେବେଳେ ହଜ୍‌ରତ୍ ମୁସ୍‌ନା ର:ଅ ସେମାନଙ୍କ ପିଛା କରିଥିଲେ ଏବଂ ପୋଲ ପାର ହୋଇ ଯିବା ପୂର୍ବରୁ ତାଙ୍କୁ ଘେରି ନେଇଥିଲେ ଏବଂ ନଦୀର ପୋଲକୁ ଭାଙ୍ଗି ଅନେକ ଇରାନୀୟ ସିପାହୀମାନଙ୍କୁ ସେ ବନ୍ଧ କରିଥିଲେ । ଏଥିପାଇଁ ଯେଉଁ ପୋଲ ଅତିକ୍ରମ କରି ସେ ତାଙ୍କୁ ଘେରି ନେଇଥିଲେ ସେହି ପୋଲକୁ ସେ ଭାଙ୍ଗି ଦେଇ ଅନେକ ପାରସ୍ୟ ସେନାକୁ ନୀହତ କରିଥିଲେ । ପରବର୍ତୀ ସମୟରେ ହଜ୍‌ରତ୍ ମୁସ୍‌ନା ର:ଅ ଏଥିପାଇଁ ପଶ୍ଚାତାପ କରୁଥିଲେ ଯେ, ମୁଁ ପରାଜିତ ସେନାକୁ ଧରି ହତ୍ୟା କଲି ଯାହାକି ମତେ କରିବା ଉଚିତ ନଥିଲା ସେ ଏକଥା ମଧ୍ୟ କହୁଥିଲେ ଯେ ମୋର ବହୁତ ବଡ଼ ଭୂଲ ହୋଇଯାଇଛି । ମତେ ଏହା ଶୋଭା ପାଏନାହିଁ ଯେ, ମୋ ଠାରୁ ଦୁର୍ବଳ ସୈନ୍ୟମାନଙ୍କୁ ନିଜର ପରାକାଷ୍ଠା ଦେଖାଇବି । ଏଥିଅନ୍ତେ ସେ ପ୍ରତିଜ୍ଞା କଲେ ଯେ, ଭବିଷ୍ୟତରେ ଏଭଳି କାର୍ଯ୍ୟ କଦାପି କରିବିନାହିଁ ଏବଂ ମୁସଲମାନ ସେନାକୁ ମଧ୍ୟ ଉପଦେଶ ଦେଲେ ଯେ, ତୁମେମାନେ ମଧ୍ୟ ଏଭଳି କାର୍ଯ୍ୟ କଦାପି କରିବ ନାହିଁ କି ମୋର ଏପରି କୌଣସି କାର୍ଯ୍ୟକୁ ଅନୁସରଣ କରିବ ନାହିଁ । ଏଭଳି ହୀନ କାର୍ଯ୍ୟ ଇସ୍‌ଲାମ୍‌ର ନୀତି ବିରୁଦ୍ଧୀୟ ଅଟେ । ଏହି ଯୁଦ୍ଧରେ ମୁସଲମାନମାନଙ୍କ କେତେକ ବଡ଼ ବଡ଼ ବ୍ୟକ୍ତିତ୍ୱ ଯେପରି ଖାଲିଦ୍ ବିନ୍ ହିଲାଲ୍, ମସ୍‌ଉଦ୍ ବିନ୍ ହାରିସ୍ ର:ଅ ମଧ୍ୟ ଶହିଦ୍ ହୋଇଥିଲେ । ହଜ୍‌ରତ୍ ମୁସ୍‌ନା ର:ଅ ସେମାନଙ୍କ ଯନାଜାଃ ପାଠ କରାଇଥିଲେ ଏବଂ କହିଲେ, ଏହି ଯୁଦ୍ଧରେ ସାମିଲ ହୋଇଥିବା ମୁସଲମାନମାନେ ଅଟଳ ଓ ଅବିଚଳ ରହି ବେଶ୍ ଦାମ୍ଭିକତାର ସହିତ ଯୁଦ୍ଧ ଲଢ଼ିଲେ ଏବଂ ତିଳେମାତ୍ର ବ୍ୟସ୍ତ ବିବ୍ରତ ହେଲେନାହିଁ ଏବଂ ଏହା ମୋର ଦୁଃଖକୁ ହାଲୁକା କରିଦେଲା ଯେ ଶାହାଦତ୍ ପାପରୁ ମୁକ୍ତି ଦେବା ପାଇଁ କଫ୍‌ଫାରା ହୋଇଯାଇଥାଏ ।

ଉକ୍ତ ଯୁଦ୍ଧରେ ମୁସଲମାନ ମହିଳାମାନଙ୍କର ସାହାସିକତାର ଉଦାହରଣ ଦୃଷ୍ଟିଗୋଚର ହୋଇଥାଏ ଯେ, ଯୁଦ୍ଧ ପରେ ଯେତେବେଳେ ମୁସଲମାନମାନଙ୍କର ଏକ ଟୁକୁଡ଼ି ଘୋଡ଼ାରେ ବସି କଓ୍ୱାଦିସ୍ ନାମକ ସ୍ଥାନରେ ଶିଶୁମାନଙ୍କ ଶିବିର ନିକଟରେ ଆସି ପହଂଚିଲା । ସେତେବେଳେ ମହିଳାମାନେ ଭୂଲବଶତଃ ଏହା ଭାବିଲେ ଯେ, ଏହି ସୈନ୍ୟଦଳ ସମ୍ଭବତଃ ଶତୃପକ୍ଷର ହୋଇଥିବ ଯିଏ ଆମମାନଙ୍କ ଉପରେ ଆକ୍ରମଣ କରିବାପାଇଁ ଦଉଡ଼ି ଆସୁଛି ତେଣୁ ସେହି ମହିଳାମାନେ ଛୋଟ ପିଲାମାନଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟକୁ ନେଇ ଆସିଲେ ସ୍ୱୟମ ପଥର ଓ କାଠ ଧରି ମୁକାବିଲା କରିବାପାଇଁ ପ୍ରସ୍ତୁତ ହୋଇଗଲେ । ସୈନ୍ୟ ଟୁକୁଡ଼ି ନିକଟବର୍ତୀ ହେବା କ୍ଷଣି ମହିଳାମାନଙ୍କୁ ଜ୍ଞାତ ହେଲା ଯେ, ଏହି ସୈନ୍ୟ ଦଳ ମୁସଲମାନମାନଙ୍କର ଅଟେ । ତେଣୁ ସେହି ସୈନ୍ୟଦଳର ସେନାପତି ଉମ୍‌ରୋ ବିନ୍ ଅବ୍‌ଦୁଲ୍ଲ ମସିହି ନିସଙ୍କୋଚ କହି ଉଠିଲେ, ଅଲ୍ଲାଃ ତାଲାଙ୍କ ସେନାର ମହିଳାମାନଙ୍କୁ ହିଁ ଏହା ଶୋଭା ଦେଇଥାଏ ।

ବୋଏବ୍ ଯୁଦ୍ଧ ସମାପ୍ତ ହୋଇଗଲା କିନ୍ତୁ ନିଜର ଏକ ଗଭୀର ଚିହ୍ନ ଓ ଗଭୀର ଛାପ ଛାଡ଼ି ଯାଇଥିଲା । ଏହା ପୂର୍ବରୁ କୌଣସି ଅଭିଯାନରେ ଇରାନୀମାନଙ୍କୁ ଏଭଳି କ୍ଷତିଗ୍ରସ୍ତ ହେବାକୁ ପଡ଼ିନଥିଲା ବା କ୍ଷତି ସହିବାକୁ ପଡ଼ିନଥିଲା । ଏଥିଅନ୍ତେ ଇରାକ୍‌ର ଅଧିକାଂଶ ଅଂଚଳ ମୁସଲମାନମାନଙ୍କ ଅଧିକୃତକୁ ଆସିଗଲା ଏବଂ ମୁସଲମାନମାନଙ୍କ ପାଦ ବେଶ୍ ସୁଦୃଢ଼ ହୋଇଗଲା । ପାଖାପାଖି ଅଂଚଳରେ ଅର୍ଥାତ ଆଖପାଖରେ ଥିବା ଅଂଚଳଗୁଡ଼ିକ ସହ ସାମାନ୍ୟତମ ସଂଘର୍ଷ କରିବା ପରେ ସେଗୁଡ଼ିକୁ ମଧ୍ୟ ଅର୍ଥାତ ସେହି ଅଂଚଳଗୁଡ଼ିକୁ ମଧ ମୁସଲମାନମାନେ ନିଜ ଅଧିକୃତକୁ ନେଇଯାଇଥିଲେ । ସେଠାରେ ସେମାନଙ୍କର ଅଧିକାର ବିସ୍ତାର କରିନେଇଥିଲେ । ଏହି ବିଜୟ ପରେ ମୁସଲମାନମାନେ ଇରାକ୍‌ର ବିଭିନ୍ନ ଇଲାକାରେ ବ୍ୟାପି ଯାଇଥିଲେ । ***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୭୩-୩୭୪.....ବେରୁତ ୨୦୧୨) (ସିରତ୍ ଅମୀରୁଲ୍ ମୁମିନିନ୍...... ପୃ-୩୬୧-୩୬୩..... ବେରୁତ ୨୦୦୭) (ଅଲ୍‌ଫାରୁକ୍...... ପୃ-୮୨-୮୪...... ୨୦୦୪) (ଅଲ୍‌କାମିଲ୍ ଫିତ୍ ତାରିଖ୍, ଖଣ୍ଡ-୨, ପୃ-୨୮୮-୨୯୧, ୧୩ ହିଜ୍‌ରୀ.... ବେରୁତ ୨୦୦୬) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୨୩୭-୨୩୮, ୨୪୦-୨୪୧, .....କରାଚୀ ୨୦୦୪) (ତାରିଖେ ଇସ୍‌ଲାମ୍..... ପୃ-୨୮-୨୯)***

୧୪ ହିଜ୍‌ରୀରେ ମୁସଲମାନ ଓ ଇରାନୀୟ ମାନଙ୍କ ମଧ୍ୟରେ ନିର୍ଣ୍ଣାୟକ ଯୁଦ୍ଧ କାଦ୍‌ସିୟାଠାରେ ହୋଇଥିଲା ଫଳସ୍ୱରୁପ ଇରାନୀୟ ଶାସନ ଅର୍ଥାତ ଇରାନ୍ ଦେଶ ମୁସଲମାନମାନଙ୍କ ହାତମୁଠାକୁ ଚାଲିଆସିଥିଲା । ସେତେବେଳେ ଇରାନ୍ ବାସୀଙ୍କୁ ମୁସଲମାନମାନଙ୍କ ରୋଚକ କାର୍ଯ୍ୟ ସମ୍ପର୍କରେ ଜ୍ଞାତ ହେଲା ସେମାନେ ନିଜର ସର୍ଦ୍ଦାର ରୁସ୍ତମ ଏବଂ ପେରୁଜାନ୍‌ଙ୍କୁ କହିଲେ ଯେ ତୁମ ଦୁହିଁଙ୍କ ମତପାର୍ଥକ୍ୟ ଯୋଗୁଁ ମୁସଲମାନମାନେ ବହୁତ ଶକ୍ତିଶାଳୀ ଓ ପ୍ରଭାବଶାଳୀ ହୋଇଚାଲିଛନ୍ତି ଏବେ ଅବସ୍ଥା ଏପରି ହୋଇଯାଇଛି ଯେ ଯଦି ଆମେ ଏହିପରି ଅବସ୍ଥାରେ ରହିବୁ ତା'ହେଲେ ଇରାନ୍ ଧ୍ୱସଂ ପାଇଯିବ କାରଣ ମଦାଇନ୍ ନିକଟରେ ଥିବା ବାଗ୍‌ଦାଦ୍ ଓ ସାବାତ୍ ଏବଂ ବାଗ୍‌ଦାଦ୍ ଓ ମଉସୁଲ୍‌ର ମଧ୍ୟ ସ୍ଥଳରେ ବାଗ୍‌ଦାଦ୍‌ଠାରୁ ନଅ ମାଇଲ୍ ଦୂରତାରେ ଥିବା ପ୍ରଶିଦ୍ଧ ସହର ତିକ୍‌ରିତ୍ ଇଲାକା ସେମାନଙ୍କ ଅଧିନକୁ ଚାଲିଗଲାଣି । ଏମାନଙ୍କ ପରେ ଏବେ କେବଳ ମଦାଇନ୍ ସହର ବାକି ରହିଛି । ସୁତରାଂ ଇରାନୀମାନେ କହିଲେ ଯେ ଯଦି ତୁମେ ଦୁଇଜଣ ଏକମତ ନ ହେବ ତା'ହେଲେ ପ୍ରଥମେ ଆମେ ତୁମ ଦୁଇଜଣଙ୍କୁ ଶେଷ କରିଦେବୁ ତା'ପରେ ଆମେ ନିଜ ଶେଷ ହୋଇ ଶାନ୍ତି ପାଇବୁ ଅର୍ଥାତ ଆମେ ନିଜେ ହିଁ ଯୁଦ୍ଧ କରିବୁ । ରୁସ୍ତମ୍ ଏବଂ ଫେରୁଜାନ୍ ବୁରାନ୍‌କୁ ବହିସ୍କାର କରି ୟଜଦ୍ ଜର୍‌ଦକୁ ସିଂହାସନରେ ବସାଇଦେଲେ । ଯିଏ ସେତେବେଳ ମାତ୍ର ୨୧ ବର୍ଷର ଥିଲା । ଅର୍ଥାତ ଇରାନୀୟ ଶାସନ ତାଙ୍କ ହାତରେ ଅର୍ପଣ କରିଥିଲେ ସମସ୍ତ କିଲା ଏବଂ ସାମରିକ ଛାଉଣୀଗୁଡ଼ିକୁ ସୁଦୃଢ଼ କରିଦିଆଗଲା । ହଜ୍‌ରତ୍ ମୁସ୍‌ନ୍ନା ର:ଅ ଯେତେବେଳେ ଇରାନୀମାନଙ୍କର ଏପରି କାର୍ଯ୍ୟକଳାପ ବିଷୟରେ ହଜ୍‌ରତ୍ ଉମର୍ ର:ଅଙ୍କୁ ଅବଗତ କରାଇଲେ, ହଜ୍‌ରତ୍ ଉମର୍ ର:ଅ କହିଲେ, ପ୍ରଭୁଙ୍କ ରାଣ ମୁଁ ଅଣଆରବୀୟ ମାନଙ୍କ ରାଜାଙ୍କ ମୁକାବିଲା ଆରବର ଅମୀର ଓ ରାଜାମାନଙ୍କ ସହିତ କରାଇବି । ଅତଏବ ପ୍ରତ୍ୟେକ ରଇସ୍, ବୁଦ୍ଧିମାନ ବ୍ୟକ୍ତି ବିଶେଷ, ସମ୍ମାନୀୟ ବ୍ୟକ୍ତି, ବକ୍ତା ଏବଂ କର୍ବମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ପଠାଗଲା ଏବଂ ହଜ୍‌ରତ୍ ମୁସ୍‌ନା ର:ଅଙ୍କୁ ଆଦେଶ ଦେଲେ ଯେ, ସେ ଅଣଆରବୀୟ ଅଂଚଳରୁ ବାହାରି ଉପକୂଳବର୍ତୀ ଅଂଚଳରେ ପ୍ରବେଶ କରନ୍ତୁ ଏବଂ ତାଙ୍କ ସହିତ ରବିୟା ଗୋଷ୍ଠୀ ଓ ମଜ୍‌ଲ୍ ଲୋକମାନଙ୍କୁ ସାମିଲ ହେବା ପାଇଁ ମଧ ଆଦେଶ ଦେଲେ । ***(ଅଲ୍‌କାମିଲ୍ ଫିତ୍ ତାରିଖ୍ ଖଣ୍ଡ-୨, ପୃ-୨୯୪-୨୯୫..... ବେରୁତ ୨୦୦୬) (ଫର୍‌ହଙ୍ଗ ସିରତ୍, ପୃ-୨୨୯) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୩, ପୃ-୧୮୭) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୪୫)***

ହଜ୍‌ରତ୍ ମୁସ୍‌ନା ର:ଅ ଇରାନ୍‌ବାସୀଙ୍କ ପ୍ରସ୍ତୁତି ସମ୍ପର୍କରେ ହଜ୍‌ରତ୍ ଉମର ର:ଅ ସମ୍ପୁର୍ଣ୍ଣ ସୁଚନା ପ୍ରଦାନ କରିଥିଲେ । ତେବେ ହଜ୍‌ରତ୍ ଉମର୍ ର:ଅ ଆରବର ଚର୍ତୁପାର୍ଶ୍ୱରେ ନକିବ୍ ପ୍ରେରଣ କରିଥିଲେ ଏବଂ ସର୍ଦ୍ଦାର ଓ ଅଧିପତୀମାନଙ୍କୁ ମକ୍କାରେ ଏକତ୍ରିତ ହେବାପାଇଁ ଆଦେଶ ଦେଇଥିଲେ । ସେତେବେଳେ ହଜ୍ କରିବାର ସମୟ ନିକଟର୍ବତୀ ହୋଇଯାଇଥିଲା ସୁତରାଂ ହଜ୍‌ରତ୍ ଉମର ର:ଅ ହଜ୍ କରିବା ପାଇଁ ଗମନ କରିଥିଲେ (ଯାତ୍ରା ଆରମ୍ଭ କରିଥିଲେ) । ଯେତେବେଳେ ଆପଣ ର:ଅ ହଜ୍‌ରୁ ଫେରିଲେ ସେତେବେଳେ ମଦିନାର ଏକ ବିଶାଳ ସୈନ୍ୟବାହିନୀ ଏକତ୍ରିତ ହୋଇଯାଇଥିଲା । ପ୍ରଥମତଃ ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ଅଲୀ ର:ଅଙ୍କୁ ମଦିନାରେ ଅମୀର ନିଯୁକ୍ତ କରି ଉକ୍ତ ସେନାର ନେତୃତ୍ୱ ନେବା ପାଇଁ ସ୍ୱମୟ ବାହାରି ପଡ଼ିଥିଲେ ଏବଂ ସିରାର୍ ନାମକ ସ୍ଥାନରେ ଛାଉଣୀ ପକାଇଲେ । (ସିରାର୍ ହେଉଛି ମଦିନା ଠାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ ଏକ ଝରଣାର ନାମ) କୁହାଯାଏ ଯେ ଏ ପର୍ଯ୍ୟନ୍ତ ହଜ୍‌ରତ୍ ଉମର୍ ର:ଅ ସ୍ୱୟଂ ରଣଭୂମିରେ ଯୁଦ୍ଧ ଲଢ଼ିବା ପାଇଁ ଅଭିଯାନରେ ଯିବାକୁ ନିଷ୍ପତି ନିଆଯାଇନଥିଲା

***(ଅଲ୍‌ଫାରୁକ୍, ପୃ-୮୫-୮୬, ଇଦାରାଃ ଇସ୍‌ଲାମିୟାତ୍ ୨୦୦୪)***
***(ଫର୍‌ହଙ୍ଗ ସିରତ୍, ପୃ-୧୭୨)***

ସେନା ନେଇ ବାହାରି ପଡ଼ିଥିଲେ କିନ୍ତୁ ନିଷ୍ପତି କରିନଥିଲେ ଯେ ନିଜେ ଯିବେ ବା ଆଗକୁ ଯାଇ ଅନ୍ୟ କାହାକୁ କମାଣ୍ଡର କରି ପ୍ରେରଣ କରିବେ ସେ ଯାହା ହେଉ ତିବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ ପ୍ରଥମେ ହଜ୍‌ରତ୍ ଉମର ର:ଅ ଉକ୍ତ ସୈନ୍ୟବାହିନୀର ନେତୃତ୍ୱ ନେଇ ସ୍ୱୟମ ବାହାରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଏଥିରେ ସମସ୍ତେ ସହମତି ପ୍ରକାଶ କରିଥିଲେ କିନ୍ତୁ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ଏଥିରେ ସହମତି ପ୍ରକାଶ କରିନଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ସେହି ଲୋକମାନଙ୍କ ମଧ୍ୟରେ ଥିଲେ, ଯିଏ ଆପଣଙ୍କୁ ଅଭିଯାନରେ ଯିବାକୁ ବାରଣ କରିଥିଲେ କିନ୍ତୁ ଅନ୍ୟମାନେ କହିଲେ, ହଜ୍‌ରତ୍ ଉମର ର:ଅଙ୍କୁ ନିଶ୍ଚିତ ଭାବରେ ଏହି ଅଭିଯାନରେ ଯିବା ଉଚିତ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ଆହୁରି କହିଥିଲେ ଆଜି ପୂର୍ବରୁ ମଁ ହଜୁର ସ:ଆ:ସଙ୍କ ବ୍ୟତିତ ଅନ୍ୟ କାହା ଉପରେ ନିଜ ମାତାପିତାଙ୍କୁ ଉତ୍ସର୍ଗ କରିନାହିଁ ନା ଭବିଷ୍ୟତରେ କଦାପି ଏଭଳି କାର୍ଯ୍ୟ କରିବି । କିନ୍ତୁ ଆଜି କହୁଛି ହେ ଅମିରୁଲ୍ ମୁମିନିନ୍ ! ଏହି ମାମଲାରେ ଚୁଡ଼ାନ୍ତ ନିଷ୍ପତି ପାଇଁ ଏହି ମାମଲା ମୋ ଉପରେ ଛାଡ଼ି ଦିଅନ୍ତୁ । ଏଥିଅନ୍ତେ ସେ ହଜ୍‌ରତ୍ ଉମର ର:ଅଙ୍କୁ କହିଲେ, ଆପଣ ଯାଇ ସରାର୍ ସ୍ଥାନରେ ଅଟକି ରୁହନ୍ତୁ ଏବଂ ଏଠାରୁ ଏକ ବଡ଼ ସେନା ପ୍ରେରଣ କରିଦିଅନ୍ତୁ । ପୁନଶ୍ଚ କହିଲେ, ହେ ଅମିରୁଲ୍ ମୁମିନିନ୍ ! ପ୍ରାରମ୍ଭରୁ ଆପଣ ଏହା ଦେଖିଆସିଛନ୍ତି ଯେ ଆପଣଙ୍କ ସେନା ପ୍ରସଙ୍ଗରେ ପ୍ରଭୁଙ୍କର କି ନିଷ୍ପତି ରହିଛି । କିଭଳି ଆଚରଣ ରହିଛି । ଯଦି ଆପଣଙ୍କ ସେନା ପରାଜିତ ହେଲା ଓ ଆପଣ ଶହୀଦ ହୋଇଗଲେ ତେବେ ମୁସଲମାନମାନେ ନା ତକ୍‌ବିର୍ କହିପାରିବେ ନା ଲା ଇଲାହା ଇଲ୍ଲଲ୍ଲାହ୍‌ର ସାକ୍ଷ୍ୟ ଦେଇପାରିବେ । ଚେଦା ଓ ପରାମର୍ଶ ଦାତାମାନେ ମଜ୍‌ଲିସେ୍ ସୁରାଃ ପରେ ହଜ୍‌ରତ୍ ଉମର ର:ଅ ଏକ ସାଧାରଣ ସଭାର ଡ଼ାକରା ଦେଲେ ଯେଉଁଥିରେ ସେହି ଅଭିଯାନ ସମ୍ପର୍କରେ ହଜ୍‌ରତ୍ ଉମର ର:ଅ କହିଲେ ଯେ ପ୍ରଭୁ ଲୋକମାନଙ୍କୁ ଇସ୍‌ଲାମ୍‌ରେ ଏକତ୍ରିତ କରିଦେଲେ ଏବଂ ସେମାନଙ୍କ ମଧ୍ୟରେ ପାରସ୍ପରିକ ପ୍ରେମଭାବ ଉତ୍ପନ୍ନ କରିଦେଲେ ଅର୍ଥାତ ମୁସଲମାନମାନଙ୍କୁ ଭାଇ ଭାଇ କରିଦେଲେ ଏବଂ ମୁସଲମାନମାନଙ୍କର ଅବସ୍ଥା ଏପରି ହୋଇଗଲା ଯେ ସେମାନେ ଏକ ଶରୀର ସଦୃଶ ହୋଇଗଲେ ଜଣକୁ ଯଦି କଷ୍ଟ ପହଂଚେ ତେବେ ତାହାର ପୀଡ଼ା ଅନ୍ୟଜଣକୁ ଅନୁଭୁତ ହୋଇଥାଏ । ସୁତରାଂ ମୁସଲମାନମାନଙ୍କୁ ଆବଶ୍ୟକ ଯେ ପାରସ୍ପରିକ ପରାମର୍ଶ କ୍ରମେ ନିଜ ମାମଲାର ନିଷ୍ପତି କରନ୍ତୁ ଏବଂ ନିଜ ଅମୀରଙ୍କର ଆଜ୍ଞା ପାଳନ କରିବା ଜରୁରୀ ଅଟେ କିନ୍ତୁ ମୋର ଏହି ପ୍ରସଙ୍ଗରେ କି ଯୁଦ୍ଧ କ୍ଷେତ୍ରକୁ ମୁଁ ସ୍ୱୟମ ଯିବିକି ନାହିଁ, ତେବେ ଏହି ପରିପ୍ରେକ୍ଷୀରେ ବିଶେଷ ପରାମର୍ଶ ଦାତା ମୋତେ ଏଥିରୁ ବାରଣ କରୁଛନ୍ତି ତେଣୁ ମୁଁ ଏଥିରେ ଉପନୀତ ହୋଇଛି

ଯେ, ମୋ ସ୍ଥାନରେ ଅନ୍ୟ କାହାରିକୁ ମୁଁ ସେନାପତି ଭାବରେ ପ୍ରେରଣ କରିଦେବି ଏବଂ ଏହା ହିଁ ପ୍ରଜୁଯ୍ୟ ହେବ । ***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୮୧.....ବେରୁତ ୨୦୧୨) (ମକାଲା, ତାରିଖେ ଇସ୍‌ଲାମ୍..... ପୃ-୩୫-୩୭)***

ହଜ୍‌ରତ୍ ଉମର୍ ର:ଅ କୌଣସି ଉପଯୁକ୍ତ ବ୍ୟକ୍ତିଙ୍କ ଅନ୍ୱେଷଣରେ ଥିଲେ ଯେ, ଇତି ମଧ୍ୟରେ ହଜ୍‌ରତ୍ ସାଆଦ୍ ର:ଅଙ୍କର ପତ୍ର ଆସି ପହଂଚିଲା ଯେ ନଜଦ୍ ଅଂଚଳରେ ମୁତୟନ ଥିଲେ, ହଜ୍‌ରତ୍ ଉମର ର:ଅ ପରାମର୍ଶ ଲୋଡ଼ିଲେ ଯେ, ମୋତେ ଜଣେ ଉପଯୁକ୍ତ ପାର୍ଥୀର ନାମ କୁହ ଯିଏ ସେନାଧକ୍ଷ ପଦବୀ ପାଇଁ ଉପଯୁକ୍ତ ହେବ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ର:ଅ କହିଲେ ସେଥିପାଇଁ ଆପଣଙ୍କୁ ତ ପାର୍ଥୀ ମିଳିସାରିଛି । ହଜ୍‌ରତ୍ ଉମର ର:ଅ ପଚାରିଲେ ସେ କିଏ ? ଉତର ଦେଲେ ସାଆଦ୍ ବିନ୍ ମାଲିକ । ଅନ୍ୟ ଲୋକମାନେ ମଧ ଏହି ପରାମର୍ଶକୁ ସମର୍ଥନ ଜଣାଇଲେ । ***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୮୨.....ବେରୁତ ୧୯୮୭)***

ତାରିଖେ ତିବ୍‌ରୀରେ ଉଲ୍ଲେଖ ରହିଛି ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ସାଆଦ୍‌ଙ୍କୁ ଅମୀର ମୃତୟନ କରି ତାଙ୍କୁ ଉପଦେଶ ପୂର୍ବକ କହିଲେ, ହେ ସାଆଦ୍ ! ତୁମେ ଏହା ମନରେ ପୋଷଣ କରିବ ନାହିଁ ଯେ, ତୁମେ ହେଉଛ ହଜୁର ସ:ଆ:ସଙ୍କର ମାମୁଁ ଓ ସାହାବା ଅର୍ଥାତ ପ୍ରାରମ୍ଭିକ ସାହାବା କାରଣ ପରମେଶ୍ୱର ଖରାପକୁ ଖରାପ ଦ୍ୱାରା ଦୁର କରିନଥାନ୍ତି ବରଂ ପୂଣ୍ୟ ଦ୍ୱାରା ମନ୍ଦର ମୂଳୋତ୍ପାଟନ କରିଥାନ୍ତି । ଅଲ୍ଲାଃ ତାଲା ଓ ଭକ୍ତଙ୍କ ମଧ୍ୟରେ ଆଜ୍ଞାକାରୀତା ବ୍ୟତିତ ଅନ୍ୟ କୌଣସି ସମ୍ପର୍କ ନାହିଁ । ଯାତ୍ରା ଆରମ୍ଭ କରିବା ସମୟରେ ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ସାଆଦ୍‌ଙ୍କୁ କହିଲେ, ମୋର ଏହି ଉପଦେଶ ସର୍ବଦା ସ୍ମରଣ ରଖିବ ଯେ, ତୁମେ ଏକ କଷ୍ଟସାଧ ମସ୍ତବଡ଼ ଦାୟିତ୍ୱ ବହନ କରିଛ । ସୁତରାଂ ନିଜକୁ ଓ ନିଜ ସାଥିମାନଙ୍କୁ ପୂଣ୍ୟ କର୍ମ କରିବା ପାଇଁ ଅଭ୍ୟାସ କରୀ ଏବଂ ଏତଦ୍‌ଦ୍ୱାରା ବିଜୟ ଲଭ । ମନେରଖ ପ୍ରତ୍ୟେକ ଜିନିଷର ଅଭ୍ୟାସର ଏକ ମାଧ୍ୟମ ରହିଥାଏ ଏବଂ ପୂଣ୍ୟ କର୍ମର ଅଭ୍ୟସ୍ତ ହେବାର ମାଧ୍ୟମ ଅବା ଚାବିକାଠି ହେଉଛି ଧୈର୍ଯ୍ୟ । ଯଦି ଧୈର୍ଯ୍ୟ ରକ୍ଷାକର ତେବେ ପୁଣ୍ୟ କର୍ମର ଅଭ୍ୟାସ ପଡ଼ିଯିବ । ତୁମେ ପୂଣ୍ୟକର୍ମ କରିଚାଲିବ । ସୁତରାଂ ପ୍ରତ୍ୟେକ ସମସ୍ୟା ଓ କଷ୍ଟ ଯାହା ତୁମକୁ ଘେରି ବସିଛି ସେ ପ୍ରସଙ୍ଗରେ ଧୈର୍ଯ୍ୟ ରକ୍ଷା କର । ଏତଦ୍‌ଦ୍ୱାରା ପ୍ରଭୁଙ୍କ ଭୟ ତୁମକୁ ପ୍ରାପ୍ତ ହେବ । ***(ତାରିଖେ ତିବ୍‌ରୀ ମୁତରଜିମ୍, ଖଣ୍ଡ-୨, ଭାଗ-୨, ପୃ-୨୫୩-୨୫୪.....କରାଚି ୨୦୦୪)***

ପୁନଶ୍ଚ ଆପଣ ର:ଅ କହିଲେ, ନିଜ ସାଥି ସୈନିକମାନଙ୍କ ସହିତ ସରାଫ୍‌ଠାରୁ ଇରାନ ପର୍ଯ୍ୟନ୍ତ ପଦଯାତ୍ରା କର । ସରାଫ୍ ନଜଦ୍ ଅଂଚଳର ଥିବା ଏକ ଝରଣାର ନାମ । ସେହି ସ୍ଥଳରେ ସେନାକୁ ଏକତ୍ରିତ କର । ପ୍ରଭୁଙ୍କ ଉପରେ ଆସ୍ଥା ରଖ ଏବଂ ତାଙ୍କଠାରୁ ସାହାଯ୍ୟ ଭିକ୍ଷା କର ଏବଂ ମନେରଖ ତୁମେ ତାହାଙ୍କ ଆଦେଶ କ୍ରମେ ଘରୁ ବାହାରିଛ ନିଜ ପରିବାର ବର୍ଗଠାରୁ ଅଲଗା ହୋଇଛ ଯଦିଚ ଶତ୍ରୁ ତୁମ ତୁଳନାରେ ବେଶ୍ ଶକ୍ତିଶାଳୀ ଓ ସୁଦୃଢ଼ ଏବଂ ତୁମେ ଶତୃଙ୍କ ଅଂଚଳରେ ଅବତୀର୍ଣ୍ଣ କରିଛ ତେଣୁ ତାଙ୍କ ଛଳର ଶିକାର ହେବନାହିଁ ବା ହୋଇନଯାଅ । ମନେରଖ ଯେତେବେଳେ ତୁମେ କାଦ୍‌ସିୟାରେ ପହଂଚିବ ସେତେବେଳେ ପାହାଡ଼ର ପାଦଦେଶ ଓ ବିସ୍ତିର୍ଣ୍ଣ ପଡ଼ିଆ ଭୂମିରେ ରହିବ । ତୁମେ ସେଠାରୁ ଅନ୍ୟ କେଉଁଆଡ଼େ ଓ ସ୍ଥାନାନ୍ତରିତ ହେବନାହିଁ । ଯେତେବେଳେ ଶତୃ ତୁମ ଆଗମନର ସୁଚନା ପାଇବ ସେତେବେଳେ ସେ ତୁମ ଉପରେ ନିଜର ପୂର୍ଣ୍ଣ ସାମର୍ଥ୍ୟ ଓ ବଳ ପ୍ରୟୋଗ କରି ଆକ୍ରମଣ କରିବ । ସେତେବେଳେ ଯଦି ତୁମେ ନିଜ ପାଦ ରଣ ଭୁମିରେ ଥାମି ରଖିବ ତେବେ ତୁମେ ପ୍ରଭୁଙ୍କ ନିକଟରୁ ପୂଣ୍ୟ ଲାଭ କରିବ । ଯଦି ତୁମେ ସତ୍ ଉଦ୍ଦେଶ୍ୟ ନେଇ ବାହାର ତେବେ ନିଶ୍ଚିତ ରୂପେ ବିଜୟ ମଣ୍ଡିତ ହୋଇ ଫେରିବ ଏବଂ ଶତୃ କଦାପି ତୁମ ମୁକାବିଲାରେ ତିଷ୍ଠି ପାରିବ ନାହିଁ ବରଂ ତୁମର ଭୟ ସେମାନଙ୍କ ଉପରେ କାୟା ବିସ୍ତାର କରିବ । ଅପରପକ୍ଷେ ଯଦି ତୁମକୁ ପରାଜୟର ସାମ୍‌ନା କରିବାକୁ ପଡ଼େ ତେବେ ବିସ୍ତିର୍ଣ୍ଣ ଚାରଣ ଭୂମିରୁ ହଟି ନିଜ ଅଂଚଳର ପାହାଡ଼ ପର୍ବତ ନିକଟରେ ଶରଣ ନେବ ଯଦ୍ୱାରା ନିଜ ଅଂଚଳକୁ ଦେଖି ତୁମକୁ ଦମ୍ଭ ଓ ସାହାସ ମିଳିବ ଏବଂ ଶତ୍ରୁ ଅଜଣା ଅଂଚଳ ଦେଖି ଭୟପ୍ରଦ ଅବସ୍ଥାକୁ ଚାଲିଯିବ । ଏହିପରି ତୁମର ପରାଜୟ ବିଜୟରେ ପରିଣତ ହେବାର ସମ୍ଭାବନା ବଢ଼ିଯାଇଥାଏ । ସତୁରାଂ ସେହି ସେନାର ସମସ୍ତ ଗତିବିଧି ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ୱାରା ମଦିନାରୁ ହିଁ ପରିଚାଳିତ ହେଉଥିଲା । ତିବ୍‌ରୀରେ ଉଲ୍ଲେଖ ରହିଛି ହଜ୍‌ରତ୍ ଉମର୍ ର:ଅ ଶରାଫ୍ ଅଂଚଳରୁ ମୁସଲମାନ ସେନାର ଉକ୍ତ ଅଭିଯାନରେ ବାହାରିବାର ତାରିଖ ମଧ୍ୟ ଧାର୍ଯ୍ୟ କରିଦେଇଥିଲେ ଏବଂ ଏହା ମଧ ଉପଦେଶ ଦେଇଥିଲେ ଯେ, କାଦ୍‌ସିୟା ପହଂଚି ଉଜୈବୁଲ୍ ହଜାନାତ୍ ଏବଂ ଉଜୈବୁଲ୍ କଓ୍ୱାଦିସ୍ ସ୍ଥାନରେ ଅବସ୍ଥାନ କରିବ ଏବଂ ସେନାକୁ ତାହାର ପୂର୍ବରୁ ପଶ୍ଚିମ ଦିଗ ଆଡ଼କୁ ବିସ୍ତୃତ କରିଦେବ । ସେଠାରେ ଏକ ନଦୀ ଘାଟ ରହିଛି ଯାହାକି କାଦ୍‌ସିୟାଠାରୁ ଚାରି ମାଇଲ ଦୁର ଓ ମୁଗୈଶା ଠାରୁ ୩୨ ମାଇଲ ଦୁରତାରେ ଅବସ୍ଥିତ । ହଜ୍‌ରତ୍ ଉମର୍ ର:ଅଙ୍କର ହଜ୍‌ରତ୍ ସାଆଦ୍ ର:ଅଙ୍କ ନାମରେ ପ୍ରେରିତ ପତ୍ରରୁ ପତିତ ହେଉଛି ଯେ ସେଠାରେ ଦୁଇଟି ଉଜୈବ୍ ରହିଥିଲା ।

***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୮୬-୩୮୭.....ବେରୁତ ୨୦୧୨) (ମକାଲା "ତାରିଖେ ଇସ୍‌ଲାମ୍......ପୃ-୪୮-୫୦) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୩, ପୃ-୧୩୧)***

***(ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୩, ପୃ-୩୦୪)***

ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ୪ହଜାର ଉତ୍ସର୍ଗୀଙ୍କ ସାଥିରେ ଇରାନ୍ ଅଭିମୁଖେ ପ୍ରେରଣ କରିଥିଲେ । ପରବର୍ତୀ ସମୟରେ ୨ ହଜାର ୟମନି ଓ ୨ ହଜାର ନଜ୍‌ଦି ସୈନିକ ତଥା ବନୁ ଅସଦ୍‌ର ୩ ହଜାର ସେନା ଓ ଅସ୍‌ଅସ୍ ବିନ୍ କୈସ୍ କିନ୍ଦିୟା ଏକ ହଜାର ସାତଶହ ୟମିନି ସୈନିକଙ୍କୁ ସାଥିରେ ଧରି ସେମାନଙ୍କ ସାଥିରେ ଅର୍ଥାତ ମାର୍ଗରେ ହିଁ ସେମାନଙ୍କ ସହିତ ମିଳିତ ହୋଇଯାଇଥିଲେ । ଏପରି ମୁସଲମାନ ସେନା ଧିରେ ଧିରେ ବଢ଼ି ଶେଷରେ ୩୦ ହଜାରରୁ ଉର୍ଦ୍ଧ ହୋଇଯାଇଥିଲେ । ଏହି ସେନାର ଗୁରୁତ୍ୱ ଏଥିରୁ ସ୍ପଷ୍ଟ ହୋଇଯାଏ ଯେ, ଉକ୍ତ ସେନାରେ ୯୯ ଜଣ ଏଭଳି ସାହାବି ଥିଲେ ଯିଏ ହଜୁର ସ:ଆ:ସଙ୍କ ସାଥିରେ ଯୁଦ୍ଧରେ ସାମିଲ ଥିଲେ । ତିବ୍‌ରୀରେ ଏହି ସଂଖ୍ୟା ୭୦ରୁ ଉର୍ଦ୍ଧ ଦର୍ଶାଯାଇଛି ଏବଂ ୩୧୦ ଜଣରୁ ଉର୍ଦ୍ଧ ଏପରି ସାହାବି ଥିଲେ ଯିଏ ପ୍ରାରମ୍ଭରୁ ବୟତ କରି ବୟତେ ରିଜୁଆନ୍ ପର୍ଯ୍ୟନ୍ତ ହଜୁର ସ:ଆ:ସଙ୍କ ସଙ୍ଗତରେ ରହିଥିଲେ । ପୁଣି ୩୦୦ ଜଣ ସେମାନଙ୍କ ମଧ୍ୟରୁ ଏଭଳି ଥିଲେ ଯିଏ ମକ୍କା ବିଜୟ ସମୟରେ ଉପସ୍ଥିତ ଥିଲେ । ୭୦୦ଜଣ ଉକ୍ତ ସୈନ୍ୟରେ ଏଭଳି ବ୍ୟକ୍ତି ଯୋଗ ଦେଇଥିଲେ ଯେଉଁମାନେ ନିଜେ ତ' ସାହାବି ନଥିଲେ କିନ୍ତୁ ସାହାବିଙ୍କ ସନ୍ତାନ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ ସରାଫ୍ ଅଂଚଳରେ ପହଂଚି ସେନାକୁ ଶିବିର ଲଗାଇବା ପାଇଁ ଆଦେଶ ଦେଇଥିଲେ । ହଜ୍‌ରତ୍ ମୁସ୍‌ନା ର:ଅ ଆଠ ହଜାର ସେନାକୁ ନେଇ ଜୁକାର୍ ନାମକ ସ୍ଥାନରେ ଯାହା କୁଫା ନିକଟସ୍ଥ ପାଣି ଏକ ଘାଟ ଥିଲା, ସେହି ଘାଟଠାରେ ମୁସଲମାନମାନଙ୍କ ସାହାଯ୍ୟକୁ ଅପେକ୍ଷା କରିଥିଲେ । ସେହି ସ୍ଥଳେ ହିଁ ତାଙ୍କର ଅର୍ଥାତ ହଜ୍‌ରତ୍ ମୁସ୍‌ନା ର:ଅଙ୍କର ଦେହାନ୍ତ ଘଟିଥିଲା ଏବଂ ସେ ବଶିର୍ ବିନ୍ ଖସାସିୟାଙ୍କୁ ନିଜର ଉତରାଧିକାରୀ ଘୋଷିତ କରିଥିଲେ । ***(ଅଲ୍‌କାମିଲ୍ ଫିତ୍ ତାରିଖ୍, ଖଣ୍ଡ-୨, ପୃ-୨୯୯-୩୦୨.... ବେରୁତ ୨୦୦୬) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୪, ପୃ-୩୩୩)***

ଶରାଫ୍ ଠାରେ ପହଂଚି ହଜ୍‌ରତ୍ ସାଆଦ୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ନିଜ ସେନାର ବିସ୍ତୃତ ବିବରଣୀ ସୂଚିତ କରିଥିଲେ । ଏଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ସ୍ୱୟମ ମୁସଲମାନ ସେନା ସଜ୍ଜିତ କରିଥିଲେ ଏବଂ ସମ୍ପୁର୍ଣ୍ଣ ସେନାକୁ ଦଶ ଦଶ ଜଣ ଉତ୍ସର୍ଗୀରେ ବିଭକ୍ତ କରି ସେମାନଙ୍କର ଜଣେ ଲେଖା ସେନା ନାୟକ ମୃତୟନ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, ସାଆଦ୍ ତୁମେ ମୁଗୈରା ବିନ୍ ଶୋଅବାଙ୍କୁ ନିଜ ସେନାଦଳରେ ସାମିଲ ରଖିବ ଅର୍ଥାତ ନିଜ ସାଥିରେ ରଖିବ ଏବଂ ଆସନ୍ତାରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହେବ ତାହା ସମ୍ବନ୍ଧରେ ମତେ ସୁଚିତ କରାଉଥିବ । ହଜ୍‌ରତ୍ ସାଆଦ୍ ର:ଅ ଏହି ନିର୍ଦ୍ଦେଶାବଳୀ ମୁତାବକ ନିଜ ସେନାକୁ କ୍ରମ ବିଭାଜନ କରିଥିଲେ ।

***(ତାରିଖେ ତିବ୍‌ରୀ, ଖଣ୍ଡ-୪, ପୃ-୧୧୫-୧୧୬, ଦାରୁଲ୍ ଫିକ୍‌ର୍୨୦୦୨)***

ଆଉ ଏକ ପତ୍ରରେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ଲେଖିଥିଲେ ନିଜ ହୃଦୟକୁ ଦମ୍ଭିଲା ରଖିବ ନିଜ ସେନାର ମନବଳ ସୁଦୃଢ଼ ରଖିବା ନିମନ୍ତେ ତାଙ୍କୁ ଉତ୍ସାହିତ ଓ ଉପଦେଶ ଦେଉଥିବ ଏବଂ ଧୈର୍ଯ୍ୟ ରକ୍ଷା କରିବ କାରଣ ପ୍ରଭୁଙ୍କ ନିକଟରୁ ମଣିଷର ନିୟତ ଅର୍ଥାତ ଉଦ୍ଦେଶ୍ୟ ଅନୁଯାୟୀ ଫଳ ପ୍ରାପ୍ତି ହୋଇଥାଏ । ଯେଉଁ କର୍ତବ୍ୟ ତୁମ ଉପରେ ନ୍ୟସ୍ତ ରହିଛି ତାହାକୁ ପୂର୍ଣ୍ଣ ସତର୍କତାର ସହ ସମ୍ପାଦନ କର । ପ୍ରଭୁଙ୍କୁ ସୁରକ୍ଷା ଭିକ୍ଷା କରିବା ସହିତ **ଲା ହୌଲା ଓ୍ୱଲା କୁଓ୍ୱତା ଇଲ୍ଲା ବିଲ୍ଲାହି** ଅତ୍ୟଧିକ ପାଠ କର । ମତେ ସୁଚିତ କର ଯେ ତୁମର ସୈନ୍ୟ କେଉଁଠାରେ ପହଂଚିଲେଣି ଓ ଶତୃପକ୍ଷର ସେନାଧକ୍ଷ କିଏ ? କାରଣ କେତେକ ନିର୍ଦ୍ଦେଶାବଳୀ ମୁଁ ଏଥିସକାଶେ ଲେଖିପାରୁନାହିଁ ଯେ ତୁମ ଓ ତୁମ ଶତ୍ରୁର ପୂର୍ଣ୍ଣ ଅବସ୍ଥା ମତେ ଜ୍ଞାତ ନାହିଁ ।ଯେତେବେଳେ ବିସ୍ତୃତ ବିବରଣୀ ମତେ ପ୍ରେରଣ କରିବ ମୁଁ ସେଥି ସମ୍ବନ୍ଧରେ ଅଧିକ ଉପଦେଶ ପ୍ରେରଣ କରିବି । ତେଣୁ ମୁସଲମାନ ସୈନ୍ୟଙ୍କ ପରିସ୍ଥିତିର ବିବରଣୀ ମୋ ନିକଟକୁ ପଠାଅ ଏବଂ ତୁମ ମଧ୍ୟରେ ଓ ଇରାନ୍‌ର ରାଜଧାନୀ ମଦାଏନ୍ ମଧ୍ୟରେ ଯାହା କିଛି ଅଛି, ସେ ବିଷୟରେ ଏପରି ସ୍ୱଷ୍ଟ ଭାବରେ ଲେଖି ପଠାଅ ଯେପରି ମୁଁ ତୁମମାନଙ୍କୁ ଅବଲୋକନ କରିପାରୁଛି ଅର୍ଥାତ ଟିକିନିକି ଜିନିଷର ଖବର ମତେ ଦିଅ, ପ୍ରଭୁଙ୍କୁ ଭୟ କର ଓ ତାଙ୍କ ନିକଟରୁ ଶୁଭ ମନାସ ଏବଂ ତାଙ୍କ ଉପରେ ଦୃଢ଼ ବିଶ୍ୱାସ ରଖ ଏବଂ ଏହି କଥାକୁ ଭୟ କର ଯେ ଯଦି ଏଥିରେ ଅବହେଳା ପ୍ରଦର୍ଶନ କରିବ ତେବେ ସେ ତୁମ ସ୍ଥାନରେ ଅନ୍ୟ ଗୋଷ୍ଠୀକୁ ଘେନି ଆଣିବେ ଯିଏ ଏହି କାର୍ଯ୍ୟକୁ ସମ୍ପାଦନ କରିପାରିବ । ***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୮୭.....ବେରୁତ ୨୦୧୨) (ମକାଲା, ତାରିଖେ ଇସ୍‌ଲାମ୍..... ପୃ-୫୦-୫୧)***

ଏପରି ଚିନ୍ତା କରନାହିଁ ଯେ, କେବଳ ତୁମେ ହିଁ ଏହାର ଠିକାଦାର୍ । ମନେ ରଖ ପ୍ରଭୁଙ୍କ ଏହି କାର୍ଯ୍ୟ ନିଶ୍ଚିତ ସମ୍ପୁର୍ଣ୍ଣ ହେବ, ପୂରଣ ହେବ । ତୁମେ ନ କଲେ ଅନ୍ୟ କେହି କରିବେ ।

କାଦ୍‌ସିୟା ପହଂଚି ହଜ୍‌ରତ୍ ସାଆଦ୍ ର:ଅ ସମସ୍ତ ବିବରଣୀର ବିସ୍ତାର ଭାବରେ ଉଲ୍ଲେଖ କରି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପ୍ରେରଣ କରିଦେଲେ । ହଜ୍‌ରତ୍ ଉମର୍ ର:ଅ ପ୍ରତ୍ୟୁତରରେ ଲେଖିଲେ ଯେ ନିଜ ସ୍ଥଳେ ଅବିଚଳ ରୁହ ଏପରି କି ଶତୃ ସ୍ୱୟମ ଆସି ତୁମ ଉପରେ ଆକ୍ରମଣ କରିଦେଉ । ଯଦି ଶତ୍ରୁ ପରାସ୍ତ ହୁଏ ତେବେ ତୁମେ ମଦାୟନ ପର୍ଯ୍ୟନ୍ତ ଅଗ୍ରସର ହେବ ।

***(ତାରିଖେ ତିବ୍‌ରୀ, ଖଣ୍ଡ-୪, ପୃ-୧୧୭-୧୧୮, ଦାରୁଲ୍ ଫିକ୍‌ର୍ ୨୦୦୨)***

ହଜ୍‌ରତ୍ ସାଆଦ୍ ର:ଅ ଜୀବନ ଚରିତ ବର୍ଣ୍ଣନା ବେଳେ ଏ ବିଷୟ କୁହାଯାଇଥିଲା କିନ୍ତୁ ଏଠାରେ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରସଙ୍ଗରେ ମଧ ବର୍ଣ୍ଣନା କରିବା ଜରୁରୀ ଅଟେ ଯେ ହଜ୍‌ରତ୍ ସାଆଦ୍ ଖିଲାଫତ୍ ଦରାବର୍‌ର ମାର୍ଗଦର୍ଶନ ଅନୁସାରେ କାଦ୍‌ସିୟାରେ ଏକ ମାସ କାଳ ଅବସ୍ଥାନ କରିଥିଲେ । ଯେତେବେଳେ ଇରାନୀୟମାନଙ୍କ ପକ୍ଷରୁ କୌଣସି ବ୍ୟକ୍ତି ମୁକାବିଲା ପାଇଁ ଆସିଲେ ନାହିଁ ସେତେବେଳେ ଉକ୍ତ ଅଂଚଳରେ ଲୋକମାନେ ୟଜଦ୍ ଜର୍ଦଙ୍କୁ ମୁସଲମାନମାନଙ୍କର ଉପସ୍ଥିତି ସମ୍ପର୍କରେ ଲେଖିଥିଲେ ଫଳତଃ ୟଜଦ୍ ଜର୍ଦ ରୁସ୍ତମକୁ ଡ଼ାକିଲା କିନ୍ତୁ ରୁସ୍ତମ ଆଳ ଦେଖାଇ ଓ ଟାଳମଟଳ କରି ଯୁଦ୍ଧରେ ଅଂଶଗ୍ରହଣ ନ କରିବା ପାଇଁ ପ୍ରୟାସ କଲା ଏବଂ ନିଜ ସ୍ଥାନରେ ଜାଲିନୁସ୍‌କୁ ସୈନ୍ୟଦଳର ସେନାପତି ରୂପେ ନିଯୁକ୍ତ କରିବାପାଇଁ ପରାମର୍ଶ ଦେଲା । ମହାରାଜାଙ୍କ ସମ୍ମୁଖରେ ରୁସ୍ତମର କୌଣସି ଆଳ ଓ ଟାଳ ମଟଳ ନିତି କାମ

କଲାନାହିଁ । ଫଳତଃ ରୁସ୍ତମ ବାଧ୍ୟ ହୋଇ ସୈନ୍ୟଦଳର ସେନାପତିତ୍ୱ ସମ୍ଭାଳିବାକୁ ବାଧ୍ୟ ହୋଇଥିଲା ।

ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ଚିଠି ଲେଖି କହିଲେ ଯେ, ରୁସ୍ତମ ନିକଟକୁ ଇସ୍‌ଲାମ୍‌ର ନିମନ୍ତ୍ରଣ ପାଇଁ କେତେକ ବୁଦ୍ଧିମାନ ଓ ସାହାସୀ ଲୋକମାନଙ୍କୁ ଚୟନ କରି ପ୍ରେରଣ କର ଏମିତି ଖାଲିଠାରେ ଯୁଦ୍ଧ କରିବ ନାହିଁ । ଶତ୍ରୁପକ୍ଷଙ୍କୁ ଇସ୍‌ଲାମ୍ ପ୍ରତି ଆମନ୍ତ୍ରଣ କରିବ । ପୁଣି କହିଲେ ଯେ ଅଲ୍ଲାଃ ତାଲା ଏହି ନିମନ୍ତ୍ରଣକୁ ସେମାନଙ୍କର ଅପମାନ ଓ ଆମର ସଫଳତାର ଜରିଆ ବନାଇବେ । ତୁମେ ପ୍ରତ୍ୟେକ ଦିନ ମୋ ନିକଟକୁ ଚିଠି ଲେଖୁଥିବ । ଅତଏବ ହଜ୍‌ରତ୍ ସାଆଦ୍ ର:ଅ ୧୪ ଜଣ ବ୍ୟକ୍ତିଙ୍କୁ ମନୋନୀତ କରି ସନ୍ଦେଶ ବାହକ ରୂପେ ଶତ୍ରୁ ନିକଟକୁ ପ୍ରେରଣ କରିଥିଲେ । ଯେଉଁମାନେ ଯାଇ ଇରାନ୍‌ର ସମ୍ରାଟ ୟଜଦ୍ ଜର୍ଦ୍ଦଙ୍କୁ ଇସ୍‌ଲାମ୍‌ର ବାର୍ତ୍ତା ପହଂଚାଇବେ । ମୁସଲମାନମାନେ ଅଶ୍ୱ ଉପରେ ଆରୋହଣ କରିଥିଲେ ସେମାନଙ୍କ ହସ୍ତରେ ଚଦର ଥିଲା ଓ ଶତ୍ରୁଙ୍କ ହାତରେ ଚାବୁକ ରହିଥିଲା । ସର୍ବପ୍ରଥମେ ନୁମାନ୍ ବିନ୍ ମକ୍‌ରନ୍ ଆଗକୁ ବଢ଼ି ସମ୍ରାଟ ସହିତ ବାର୍ତ୍ତାଳାପ କଲେ ସେଥିଅନ୍ତେ ମୁଗୈରା ବିନ୍ ଜୁରାରା କହିଲେ, ଯେ ତୁମ ସହିତ ଯୁଦ୍ଧ ହେବ ଅଥବା ତୁମକୁ ଆମକୁ ଜିଜିୟା ଦେବାପାଇଁ ପଡ଼ିବ । ବର୍ତ୍ତମାନ ତୁମ ନିକଟରେ ଦୁଇଟି ବିକଳ୍ପ ରହିଛି ତୁମେ ଆମର ଅଧିନତାକୁ ସ୍ୱୀକାର କରିନିଅ ଅବା ଜିଜିୟା ଦିଅ ନତୁବା ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ । ସେହିପରି ଅତିରିକ୍ତ ବିକଳ୍ପ ଏହି କି ଯେ, ଯଦି ତୁମେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନିଅ ତେବେ ପ୍ରତ୍ୟେକ ବିପତିମୂଳକ ବସ୍ତୁରୁ ନିଜକୁ ନିରାପଦ କରିଦେବ । ଆମେ ତୁମକୁ ସୁରକ୍ଷା ପ୍ରଦାନ କରିବୁ । ପ୍ରତ୍ୟୁତରରେ ୟଜଦ୍ ଜର୍ଦ୍ଦର କହିବା ଏହା ଥିଲା ଯେ ଯଦି ସନ୍ଦେଶ ବାହକକୁ ହତ୍ୟା କରିବା ମନା ନଥାନ୍ତା ତା'ହେଲେ ମୁଁ ତୁମ ସମସ୍ତଙ୍କୁ ହତ୍ୟା କରିଦେଇଥାନ୍ତି ବା ହତ୍ୟା କରିବାର ଆଦେଶ ଦେଇଥାନ୍ତି । ମୋ ନିକଟରେ ତୁମ ପାଇଁ କିଛିନାହିଁ ଏଠାରୁ ଶିଘ୍ର ପଳାଅ । ଏହାପରେ ସେ ମାଟିର ଏକ ଟୋକେଇ ବରାଦ୍ କରି କହିଲେ, ଯେ ମୋ ତରଫରୁ ଏହି ମାଟି ଟୋକେଇ ନେଇ ଯାଅ ଏବଂ ସେ ଆଦେଶ ଦେଲା ଯେ, ଏହି ସନ୍ଦେଶବାହକମାନଙ୍କୁ ମଦାଏନ୍‌ର ଦ୍ୱାରଦେଶର ବାହାରକୁ ବାହାର କରିଦିଅ । ଆସିମ୍ ବିନ୍ ଉମ୍‌ରୋ ସେହି ମାଟିକୁ ଧରିଲେ ଏବଂ ସେଠାରୁ ବାହାରି ଆସି ହଜ୍‌ରତ୍ ସାଆଦ୍ ର:ଅଙ୍କୁ କହିଲେ, ଶୁଭସମ୍ବାଦ ଅଲ୍ଲାଃ ତାଲା ଆମକୁ ଏହି ଦେଶର ଚାବିକାଠି ପ୍ରଦାନ କରିଦେଇଛନ୍ତି । ଉକ୍ତ ଘଟଣା ପରେ ଅନେକ ମାସ ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କ ମଧ୍ୟରେ ନୀରବତା ବର୍ଦ୍ଧିତ ରହିଲା । ରୁସ୍ତମ ନିଜ ସୈନ୍ୟ ବାହିନୀ ସମେତ ସାବାତ୍‌ଠାରେ ପଡ଼ି ରହିଲା ଏବଂ ୟଜଦ୍‌ଜର୍ଦ୍ଦର ତାଗିଦ୍ ସତ୍ୱେ ଯୁଦ୍ଧରୁ ମୁହଁ ଲୁଚାଇଥିଲା ଏବଂ ଅନିଚ୍ଛା ଭାବ ପ୍ରକାଶ କରିଥିଲା ରୁସ୍ତମ ଯଜଦ୍‌ଜର୍ଦ୍ଦକୁ ବାରମ୍ବାର ଲୋକମାନେ କହିଲେ ଯେ ଆମକୁ ସୁରକ୍ଷା ପ୍ରଦାନ କରନ୍ତୁ ଅନ୍ୟଥା ଆମେମାନେ ଆରବବାସୀଙ୍କ ଆଜ୍ଞାଧିନ ହୋଇଯିବୁ ତେଣୁ ଲୋକମାନଙ୍କ କହିବା ଅନୁଯାୟୀ ବାଧ୍ୟ ହୋଇ ରୁସ୍ତମ ଯୁଦ୍ଧ ଲଢ଼ିବା ପାଇଁ ଅଗ୍ରସର ହେଲା । ଇରାନୀୟ ସେନା ସାବାତ୍‌ରୁ ବାହାରି କାଦ୍‌ସିୟାର କ୍ଷେତ୍ରରେ ଶିବିର ଲଗାଇଲା । ରୁସ୍ତମ ଯେତେବେଳେ ସାବାତ୍‌ରୁ ବାହାରିଲା ସେତେବେଳେ ତା ସୈନ୍ୟ ସଂଖ୍ୟା ୧ଲକ୍ଷ ୨୦ ହଜାର ଥିଲା ତା' ସାଙ୍ଗରେ ତେତିଶିଟି ହାତୀ ମଧ୍ୟ ରହିଥିଲେ । ରୁସ୍ତମକୁ ମଦାଏନ୍‌ରୁ କାଦ୍‌ସିୟା ପହଂଚିବା ପାଇଁ ଚାରିମାସର ସମୟ ଲାଗିଥିଲା । ରୁସ୍ତମ କାଦ୍‌ସିୟାଠାରେ ଶିବିର ସ୍ଥାପନ କରିବା ପରେ ପରବର୍ତ୍ତୀ ସକାଳ ଇସ୍‌ଲାମୀୟ ସୈନ୍ୟର ନିରିକ୍ଷଣ କଲା ଏବଂ ମୁସଲମାନମାନଙ୍କୁ ଫେରି ଯିବା ପାଇଁ ତଥା ସନ୍ଧି ସ୍ଥାପନ କରିବାପାଇଁ ପ୍ରସ୍ତାବ ଦେଲା । ପ୍ରତ୍ୟୁତରରେ ମୁସଲମାନପକ୍ଷରୁ ତାକୁ ଏହି ଉତର ମିଳିଲା ଯେ, ଆମେମାନେ ସାଂସାରିକ ଧନସମ୍ପତି ଓ ପ୍ରଭୁତ୍ୱ ହାସଲ କରିବାପାଇଁ ଆସିନାହୁଁ ବରଂ ଆମମାନଙ୍କର ମୂଳ ଲକ୍ଷ୍ୟ ଏହି କି ଯେ, ଆମେମାନେ ପରକାଳକୁ ଲଭିବାପାଇଁ ଆଶାବାଦୀ ଅଟୁ । ରୁସ୍ତମ ଏହି ଅଭିଜାଚନା କଲା ଯେ, ତା' ଦରବାରକୁ ମୁସଲମାନମାନଙ୍କ ପକ୍ଷରୁ ସନ୍ଦେଶ ବାହକ ବାର୍ତ୍ତାଳାପ କରିବାପାଇଁ ଆସନ୍ତୁ । ରୁସ୍ତମର ଦରବାରରେ ବହୁ ମୂଲ୍ୟ ଗାଲିଚା ବିଛା ଯାଇଥିଲା ଏବଂ ସମ୍ପୁର୍ଣ୍ଣ ରୂପେ ସାଜସଜ୍ୟାରେ ବିମଣ୍ଡିତ ଥିଲା । ମୁସଲମାନ ପକ୍ଷରୁ ସର୍ବପ୍ରଥମେ ହଜ୍‌ରତ୍ ରବି ବିନ୍ ଆମୀର ଆସିଲେ ଏବଂ ରୁସ୍ତମ ଆଡ଼କୁ ଏଭଳି ଅବସ୍ଥାରେ ଗଲେ କି ନିଜ କନ୍ତର ସାହାଯ୍ୟ ନେଇ ଛୋଟ ଛୋଟ ପାଦ ପକାଇଲେ, ଯଦ୍ୱାରା କନ୍ତର ମୁନ ଗାଲିଚାକୁ ବିଧ କରି ଗାଲିଚାକୁ ବା ଗଦାକୁ ଫାଡ଼ି ଦେଇଥିଲା । ସୁତରାଂ ସେ ରୁସ୍ତମ ନିକଟରେ ପହଂଚିଲେ ଏବଂ ତଳେ ବସି ନିଜର କନ୍ତକୁ ଗାଲିଚାରେ ପୋତି ଦେଲେ । ହଜ୍‌ରତ୍ ରବି ରୁସ୍ତମ ଆଗରେ ତିନୋଟି ବିକଳ୍ପ ରଖିଥିଲେ ଯେ, (୧) ଆପଣମାନେ ଇସ୍‌ଲାମ୍ ଧର୍ମ ଗ୍ରହଣ କରନ୍ତୁ ଆମେ ଆପଣଙ୍କର ପିଛା ଛାଡ଼ିଦେବୁ ଏବଂ ଆପଣଙ୍କ ସୁରକ୍ଷା ପ୍ରଦାନ କରିବୁ । ଆପଣଙ୍କ ଦେଶ ସହିତ ମଧ୍ୟ ଆମର କୌଣସି ସମ୍ବନ୍ଧ ରହିବ ନାହିଁ ଠିକ୍ ଅଛି ଦେଶ ସମ୍ଭାଳିନିଅ (୨) ଆମକୁ ଜିଜିୟା ଦିଅନ୍ତୁ ଯାହାକୁ ଗ୍ରହଣ କରି ଆପଣଙ୍କୁ ସୁରକ୍ଷା ପ୍ରଦାନ କରିବୁ । (୩) ଯଦି ଏହି ଦୁଇଟିରୁ କୌଣସି ବିକଳ୍ପକୁ ଆପଣ ପସନ୍ଦ ନ କରନ୍ତି ତାହେଲେ ଚତୁର୍ଥ ଦିନ ଆପଣଙ୍କ ସହିତ ଯୁଦ୍ଧ ହେବ । ଏହି ତିନିଦିନ ମଧ୍ୟରେ ଆମ ପକ୍ଷରୁ କୌଣସି ଯୁଦ୍ଧର ଆରମ୍ଭ ହେବ ନାହିଁ କିନ୍ତୁ ଯଦି ଆପଣମାନେ ଯୁଦ୍ଧ ଆରମ୍ଭ କରନ୍ତି ତାହେଲେ ଆମେମାନେ ଯୁଦ୍ଧ କରିବାକୁ ବାଧ୍ୟ ହେବୁ । ପରବର୍ତ୍ତୀ ଦିନ ହଜ୍‌ରତ୍ ସାଆଦ୍ ର:ଅ ହୁଜୈଫା ବିନ୍ ମୁହସିନ୍‌ଙ୍କୁ ପ୍ରେରଣ କଲେ ସେ ମଧ୍ୟ ହଜ୍‌ରତ୍ ରବି ର:ଅଙ୍କର ସେହି ତିନୋଟି କଥା ସ୍ମରଣ କରାଇଥିଲେ । ତୃତୀୟ ଦିନ ମୁଗୈରା ବିନ୍ ଶୋଅବା ର:ଅ ଗଲେ ଯେତେବେଳେ ସେ ନିଜର ସେହି ଦୁଇଜଣ ସାଥିଙ୍କ ପରି ପୂର୍ବ ପ୍ରସଙ୍ଗ ଅର୍ଥାତ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା, ଜିଜିୟା ଦେବା, ଅନ୍ୟଥା ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାର ଚର୍ଚ୍ଚା କଲେ, ସେତେବେଳେ ରୁସ୍ତମ କହିଲା ତାହେଲେ ତୁମମାନେ ଅବଶ୍ୟ ବିନାଶ ହେବ । ପ୍ରତ୍ୟୁତରରେ ହଜ୍‌ରତ୍ ମୁଗୈରା କହିଲେ ଆମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ବି ନିହତ ହେବ ସେ ବୈକୁଣ୍ଠ ବାସୀ ହେବ ଏବଂ ତୁମମାନଙ୍କ ମଧ୍ୟରୁ ଯିଏ ବନ୍ଧ ହେବ ବା ନୀହତ ହେବ ସେ ଅବଶ୍ୟ ନର୍କଗାମୀ ହେବ ଏବଂ ଏହା ହିଁ ଆମର ବିଶ୍ୱାସ ଅଛି ଯେ ଆମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ବି ଜୀବିତ ରହିଯିବ ସେ ତୁମମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବ । ହଜ୍‌ରତ୍ ମୁଗୈରା ର:ଅଙ୍କ କଥା ଶୁଣି ରୁସ୍ତମ କ୍ରୋଧରେ ଜର୍ଜରିତ ହୋଇ ଶପଥ କଲା ଯେ, ମୁଁ ସୂର୍ଯ୍ୟଙ୍କ ଶପଥ କରି କହୁଛି କାଲି ସୂର୍ଯ୍ୟଦୋୟ ପୂର୍ବରୁ ଆମେମାନେ ତୁମ ସମସ୍ତଙ୍କର ସ୍କନ୍ଦଚ୍ୟୁତ କରିବୁ ।

ହଜ୍‌ରତ୍ ମୁଗୈରା ର:ଅଙ୍କ ପରେ ମଧ୍ୟ ହଜ୍‌ରତ୍ ସାଆଦ୍ ର:ଅ ଅନ୍ୟ କେତେକ ବୁଦ୍ଧିମାନ ବ୍ୟକ୍ତିଙ୍କୁ ରୁସ୍ତମ ଆଡ଼କୁ ପ୍ରେରଣ କରିଥିଲେ ଯେଉଁମାନେ ସଂନ୍ଧ୍ୟା ସୁଦ୍ଧା ଫେରି ଆସିଥିଲେ । ହଜ୍‌ରତ୍ ସାଆଦ୍ ର:ଅ ମୁସଲମାନମାନଙ୍କୁ ମୋର୍ଚ୍ଚା ବନ୍ଦ କରିବା ପାଇଁ ଓ ଯୁଦ୍ଧ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଲେ ଏବଂ ଇରାନୀମାନଙ୍କ ନିକଟକୁ ବାର୍ତ୍ତା ପ୍ରେରଣ କଲେ ଏବଂ କହିଲେ ଯେ ଏବେ ନଦୀକୁ ଅତିକ୍ରମ କରିବା ତୁମମାନଙ୍କର କାମ କାରଣ ପୋଲ ଉପରେ ମୁସଲମାନମାନଙ୍କର କବ୍‌ଜା ରହିଛି ଏଣୁ ଇରାନୀୟ ମାନଙ୍କୁ ଅନ୍ୟତ୍ର ସ୍ଥାନରେ ନଦୀ ଉପରେ ଆଉ ଏକ ପୋଲ ନିର୍ମାଣ କରିବାକୁ ପଡ଼ିଲା । ରୁସ୍ତମ ପୋଲ ଅତିକ୍ରମ କରି କହିଲା, କାଲି ଆମେମାନେ ମୁସଲମାନମାନଙ୍କର ମୁଳୋତ୍ପାଟନ କରିଦେବୁ ପ୍ରତ୍ୟୁତରରେ ସମ୍ମୁଖରୁ ଜଣେ ବ୍ୟକ୍ତି କହିଲା ଅଲ୍ଲାଃ ତାଲା ଯଦି ଚାହାନ୍ତି ତାହେଲେ ଆମେମାନେ ତହିଁରେ ଅବସ୍ୟ କୃତକାର୍ଯ୍ୟ ହେବୁ । ତହିଁରୁ ଏହା ପତିତ ହେଉଛି ଯେ ବୋଧ ହୁଏ ଅଲ୍ଲାଃ ତାଲା ଉପରେ ତାହାର ଗଭୀର ବିଶ୍ୱାସ ଓ ଭରସା ରହିଥିଲା ଏହା ଶୁଣି ରୁସ୍ତମ କହିଲା ଯଦି ଅଲ୍ଲାଃ ତାଲା ମଧ୍ୟ ନ ଚାହାନ୍ତି ତାହେଲେ ବି ଆମେମାନେ ମୁସଲମାନମାନଙ୍କୁ ପେଶିଦବୁ ଅର୍ଥାତ ମୁଳୋତ୍ପାଟନ କରିଦେବୁ । ମୁସଲମାନମାନେ ନିଜର ଧାଡ଼ି ପ୍ରସ୍ତୁତ କରିସାରିଥିଲେ, ଅର୍ଥାତ ଯୁଦ୍ଧ ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରିସାରିଥିଲେ । ହଜ୍‌ରତ୍ ସାଆଦ୍ ର:ଅଙ୍କର ଶରୀରରେ ଏକ ବଥ ବାହାରି ପଡ଼ିଲା ତେଣୁ ସେ ସମୟରେ ସେ ରୋଗଗ୍ରସ୍ତ ହୋଇ ବିଛଣାରେ ପେଟେଇ ପଡ଼ି ରହିଲେ କାରଣ ସିଆଟିକା ରୋଗ ଯୋଗୁଁ ସେ ବସି ପାରୁନଥିଲେ । ସଜ୍ୟାଶାୟୀ ହୋଇ ରହୁଥିଲେ ଅର୍ଥାତ ପେଟରେ ପେଟେଇ ପଡ଼ି ରହୁଥିଲେ । ତାଙ୍କ ଛାତି ତଳେ ତକିଆ ରଖାଯାଉଥିଲା ଯାହା ସାହାଯ୍ୟରେ ସେ ପ୍ରାସାଦ ଛାତରୁ କିମ୍ବା ବୃକ୍ଷ ଉପରେ ନିର୍ମିତ ମଂଚା ଉପରୁ ସେନା ଉପରେ ନଜର ରଖୁଥିଲେ ଏବଂ ନିର୍ଦ୍ଦେଶ ଦେଉଥିଲେ । ହଜ୍‌ରତ୍ ସାଆଦ୍ ର:ଅ ଖାଲିଦ୍ ବିନ୍ ଅର୍‌ଫତାଙ୍କୁ ନିଜର ନାଏବ୍ ଅର୍ଥାତ ଉପସେନାପତି ଭାବରେ ନିଯୁକ୍ତ କଲେ । ହଜ୍‌ରତ୍ ସାଆଦ୍ ର:ଅ ମୁସଲମାନମାନଙ୍କୁ ସମ୍ବୋଧିତ କଲେ ଏବଂ ସେମାନଙ୍କୁ ଜିହାଦ୍ କରିବାପାଇଁ ଉତ୍ସାହିତ କରି ଅଲ୍ଲାଃ ତାଲାଙ୍କର ବିଜୟ ପ୍ରତିଶୃତିର କଥା ସ୍ମରଣ କରାଇଲେ ।

ଇରାନ୍ ବାସୀଙ୍କ ସେନା ଅତିକ୍ ନଦୀ ତୀରରେ ଥିଲା । ଏହି ଅତିକ୍ ନଦୀ ମଧ୍ୟ ଫୁରାତ୍ ନଦୀରୁ ବାହାରିଥିଲା ଏବଂ ମୁସଲମାନମାନଙ୍କର ସେନା ଓ୍ୱଦେସ୍‌ର କାନ୍ଥ ଓ ଗର୍ତ୍ତ ସହିତ ଥିଲା । କୋଦେସ୍ କାଦ୍‌ସିୟା ନିକଟର୍ବର୍ତୀ ଏକ ପରିସର ଯାହା ଅତିକ୍ ନଦୀରୁ ଏକ ମାଇଲ ଦୂରରେ ଅବସ୍ଥିତ ଥିଲା । ଇରାନୀୟ ସୈନ୍ୟ ମଧ୍ୟରୁ ୩୦ ହଜାର ସୈନିକ ଜଞ୍ଜିର ସହିତ ଆପୋଷରେ ବନ୍ଧା ହୋଇଥିଲେ କାରଣ କୌଣସି ବ୍ୟକ୍ତିକୁ ଦଉଡ଼ିବାର ଯେପରି ଅବସର ମିଳିବ ନାହିଁ । ହଜ୍‌ରତ୍ ସାଆଦ୍ ର:ଅ ମୁସଲମାନମାନଙ୍କୁ ସୁରାଃ ଅନ୍‌ଫାଲ୍ ପଢ଼ିବା ପାଇଁ ଆଦେଶ ଦେଲେ ଯେତେବେଳେ ତିଲାଓ୍ୱତ୍ କରାଗଲା ଅର୍ଥାତ ମୁସଲମାନମାନେ ତିଲାଓ୍ୱତ୍ କଲେ ସେମାନେ ଶାନ୍ତି ଓ ଆସ୍ୱସ୍ତି ଲାଭ କଲେ । ନମାଜ ଜୋହର ପରେ ମୁସଲମାନ ଓ ଇରାନବାସୀଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଗଲା । ସେମାନେ ମୁସଲମାନମାନଙ୍କର ବହୁତ କ୍ଷତି ପହଂଚାଇଲେ ବନୁ ତମିମ୍ ସମ୍ପ୍ରଦାୟର ଅଭିଜ୍ଞ ଧନୁର୍ଦ୍ଧରମାନଙ୍କୁ ଡ଼କାଇ ହଜ୍‌ରତ୍ ହାସିମ୍ କହିଲେ, ନିଜ ଧନୁତୀର ମାଧ୍ୟମରେ ସେହି ହାତୀ ଉପରେ ତୀର ବିନ୍ଧ କର ଅର୍ଥାତ ଆକ୍ରମଣ କର । ପୁନଶ୍ଚ ସାହାସୀ ସିପାହୀମାନଙ୍କୁ କହିଲେ ହାତୀମାନଙ୍କ ପଶ୍ଚାତ୍ ଭାଗକୁ ଯାଇ ତାହାର ପଲାଣ କାଟିଦିଅ । ଅତଏବ କୌଣସି ହାତୀ ଏପରି ନଥିଲା ଯାହାର ପଲାଣକୁ କାଟି ତଳକୁ ଖସାଇ ଦିଆଯାଇନଥିଲା । ସୂର୍ଯ୍ୟାସ୍ତ ପରେ ଯୁଦ୍ଧ ଜାରି ରହିଲା ପ୍ରଥମ ଦିନ ବନୁ ଅସଦ୍‌ର ପାଚଂଶହ ମୁସଲମାନ ବୀରଗତି ପ୍ରାପ୍ତ କରିଥିଲେ ଅର୍ଥାତ ଶହୀଦ୍ ହେଲେ ସେହି ଦିନକୁ ୟୋମେ ଅର୍‌ମାସ୍ କୁହାଯାଏ । ଦ୍ୱିତୀୟ ଦିନ ଯେତେବେଳେ ସକାଳ ହେଲା ସେତେବେଳେ ହଜ୍‌ରତ୍ ସାଆଦ୍ ର:ଅ ସମସ୍ତ ଶହୀଦ୍‌ମାନଙ୍କୁ କବର ଦେଲେ ଓ ଆହତମାନଙ୍କୁ ମହିଳାମାନଙ୍କ ହସ୍ତରେ ଟେକି ଦେଲେ କାରଣ ମହିଳାମାନେ ଆହତମାନଙ୍କ ଦେଖାଶୁଣା କରିବାପାଇଁ ମୃତୟନ ଥିଲେ । ସେହି ସମୟରେ ସିରିୟା ଦେଶରୁ ମୁସଲମାନମାନଙ୍କୁ ସୈନ୍ୟ ସହାୟତା ପ୍ରାପ୍ତ ହେଲା । ହଜ୍‌ରତ୍ ହାଶିମ୍ ବିନ୍ ଅତ୍‌ବା ବିନ୍ ଅବି ଓ୍ୱକାସ୍ ଉକ୍ତ ସେନ୍ୟ ଟୁକୁଡ଼ିର ଅମୀର ଥିଲେ । ଏହାର ଅଗ୍ରଭାଗରେ ହଜ୍‌ରତ୍ କଅକାଆ ବିନ୍ ଉମ୍‌ରୋ ଅମୀର ଥିଲେ । କଅକାଆ ଶିଘ୍ରତି ଶିଘ୍ର ଯାତ୍ରା କରି ଅଗଓ୍ୱାସ୍‌ର ସକାଳବେଳା ଇରାକର ସୈନ୍ୟ ମଧ୍ୟରେ ପ୍ରବେଶ କଲେ । କଅକାଆ ଏହି ଚତୁରତା ଅବଲମ୍ବନ କଲେ ଯେ, ସେ ନିଜର ପ୍ରତ୍ୟେକ ସୈନ୍ୟ ଟୁକୁଡ଼ିକୁ ଦଶ ଦଶ ଜଣ ସିପାହୀର ଦଳରେ ବିଭକ୍ତ କରିଦେଇଥିଲେ ଯେଉଁ ସୈନ୍ୟଦଳ ପରସ୍ପରଠାରୁ ଅଳ୍ପ ବ୍ୟବଧାନରେ ଗତିଶୀଳ ଥିଲା ଏବଂ ପାଳି ପାଳି ହୋଇ ଇସ୍‌ଲାମୀୟ ସେନା ସହିତ ମିଶି ଯାଉଥିଲା । ପ୍ରତ୍ୟେକ ଟୁକୁଡ଼ିର ଆଗମନ ଫଳରେ ନାରାଏ ତକ୍‌ବିର୍‌ର

ସ୍ଲୋଗାନ ଉଚ୍ଚାରିତ ହେଉଥିଲା । ଏହା ଏପରି ପତିତ ହେଉଥିଲା ଯେପରି ଇସ୍‌ଲାମୀୟ ସେନାକୁ ଅହରହ ଭାବରେ ସୈନ୍ୟ ସହାୟତା ପ୍ରାପ୍ତ ହୋଇଚାଲିଛି । ସ୍ୱୟମ ହଜ୍‌ରତ୍ କାଆକା ପ୍ରଥମ ଭାଗରେ ପହଂଚିଲେ । ଯିବା କ୍ଷଣି ମୁସଲମାନମାନଙ୍କୁ ସଲାମ୍ କଲେ ଓ ସେନାଙ୍କ ଆଗମନର ସୁଭସମାଚାର ଦେଲେ କହିଲେ, ହେ ଲୋକମାନେ ! ତୁମେମାନେ ତାହା କର ଯାହା ମୁଁ କରୁଅଛି ଏହା କହି ସେ ଆଗକୁ ଅଗ୍ରସର ହେଲେ ଏବଂ ଯୁଦ୍ଧ କରିବାକୁ ନିଜ ଅଭିଳାଷ ପ୍ରକଟ କଲେ ଏହା ଶୁଣି ବହ୍‌ମାନ୍ ଜାଜ୍‌ୱିୟା ମୁକାବିଲା କରିବାପାଇଁ ବାହାରିଲା ଏବଂ ହଜ୍‌ରତ୍ କଅକାଆ ତାହାକୁ ବଦ୍ଧ କଲେ । ମୁସଲମାନମାନେ ବହ୍‌ମନ୍ ଜାଜ୍‌ୱିୟାର ବଦ୍ଧ ଓ ମୁସଲମାନମାନଙ୍କୁ ସହାୟତା ମିଳିବା ଯୋଗୁଁ ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ । ହଜ୍‌ରତ୍ କଅକାଆଙ୍କ ସମ୍ପର୍କରେ ହଜ୍‌ରତ୍ ଅବୁବକର ର:ଅଙ୍କ ଏକ କଥନ ରହିଛି ଯେ ସେନାର ଯେଉଁଠି ତାଙ୍କଭଳି ବ୍ୟକ୍ତିତ୍ୱ ଉପସ୍ଥିତ ରହିଥାଏ ସେଠାରେ ଶତ୍ରୁକୁ ପରାଜୟ ବରଣ କରିବାକୁ ପଡ଼ିଥାଏ ।

ସେଦିନ ଇରାନୀୟ ସେନା ନିଜ ହାତୀମାନଙ୍କ ମାଧ୍ୟମରେ ଯୁଦ୍ଧ କରିପାରିନଥିଲେ କାରଣ ସେମାନଙ୍କର ପଲାଣ ବିଗତ ଦିନରେ ଭାଙ୍ଗି ଦିଆଯାଇଥିଲା ତେଣୁ ସେ ସକାଳୁ ତାହାକୁ ଠିକ୍ କରିବାରେ ବ୍ୟସ୍ତ ଥିଲେ ଏବଂ ମୁସଲମାନମାନେ ଏହି ଉପାୟ ପାଂଚିଲେ ଯେ, ନିଜର ଓଟଗୁଡ଼ିକୁ ଝୋଲ ପିନ୍ଧାଇ ଦେଲେ ଯଦ୍ୱାରା ଓଟମାନେ ଢ଼ାଙ୍କି ହୋଇଗଲେ ଓ ସେମାନଙ୍କ ଶରିର ଓ ଗଳା ଦୃଶ୍ୟମାନ ହେଉନଥିଲା ବରଂ ଅଦୃଶ୍ୟ ହୋଇଯାଇଥିଲା ଏବଂ ଓଟ ଏଭଳି ଜଣାପଡୁଥିଲା ଯେପରି ହାତୀ । ଏହି ଓଟମାନେ ଯେଉଁଠି ଯାଉଥିଲେ ଇରାନୀୟମାନଙ୍କର ଅଶ୍ୱ ଏଭଳି ବିବ୍ରତ ଓ ବିଚଳିତ ହୋଇ ଦଉଡୁ ଥିଲେ ଯେପରି ବିଗତ ଦିନ ମୁସଲମାନମାନଙ୍କର ଅଶ୍ୱ ବିଚଳିତ ହୋଇଥିଲେ । ପ୍ରାତଃ କାଳରୁ ଦ୍ୱିପ୍ରହର ଯାଏଁ ଉଭୟ ପକ୍ଷର ଅଶ୍ୱାରୋହୀମାନଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଲା । ଯେତେବେଳେ ଦିନର ଅର୍ଦ୍ଧଭାଗରୁ ଅଧିକାଂଶ ସମୟ ବିତିଗଲା ସେତେବେଳେ ସାମୁହିକ ଯୁଦ୍ଧ ଆରମ୍ଭ ହେଲା ଯାହା କି ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଅଭ୍ୟାହତ ରହିଥିଲା । ଅତଏବ ଏହି ଦ୍ୱିତୀୟ ଦିନକୁ ୟୋମେ ଅଗଓ୍ୱାସ୍ କୁହାଯାଏ । ଏହି ଦିନ ମୁସଲମାନପକ୍ଷରେ ଶୁଭଙ୍କର ସାବ୍ୟସ୍ତ ହେଲା ଅର୍ଥାତ ସେଦିନ ମୁସଲମାନମାନଙ୍କୁ ସଫଳତା ହାସଲ ହୋଇଥିଲା । ତୃତୀୟ ଦିନ ସକାଳ ହେଲା ସେତେବେଳେ ଉଭୟ ସେନା ନିଜ ନିଜ ସ୍ଥାନ ସମ୍ଭାଳି ନେଇଥିଲେ ଏବଂ ମୁହାଁମୁହିଁ ହୋଇଥିଲେ । ସେଦିନ ଯୁଦ୍ଧ କ୍ଷେତ୍ର ରକ୍ତ ରଞ୍ଜିତ ହୋଇଥଲା । ମୁସଲମାନ ସୈନ୍ୟମାନଙ୍କ ମଧ୍ୟରୁ ୨ ହଜାର ଶହୀଦ୍ ହୋଇଥିଲେ ଓ ଇରାନୀୟ ସେନାର ୧୦ ହଜାର ସୈନିକ ମୃତ୍ୟୁ ବରଣ କରିଥିଲେ । ଅର୍ଥାତ ୧୦ ହଜାର ଇରାନୀ ସେନା ନିହତ ହୋଇଥିଲେ । ମୁସଲମାନମାନେ ନିଜର ଶହୀଦ ହୋଇଥିବା ସୈନିକକୁ କବର ଦେଲେ ଓ ଆହତମାନଙ୍କୁ ଚିକିତ୍ସା ପାଇଁ ମହିଳାମାନଙ୍କୁ ଟେକିଦେଲେ ଅର୍ଥାତ ହସ୍ତାନ୍ତର କଲେ । ଅପରପଟେ ଇରାନୀୟ ସିପାହୀମାନଙ୍କର ଶବ ସେହିପରି ଯୁଦ୍ଧ ଭୂମିରେ ପଡ଼ି ରହିଥିଲା ସେହି ରାତ୍ରରେ ଇରାନୀୟମାନେ ନିଜର ହାତୀମାନଙ୍କ ପଲାଣ ଆଦିକୁ ଠିକ୍ କରୁଥିଲେ । ପଦାତିକ ସେନା ହାତୀମାନଙ୍କର ସୁରକ୍ଷା ପାଇଁ ପ୍ରୟାସ ରତ ଥିଲେ । ତଥାପି ଆଜିର ଦିନରେ ସେହି ହାତୀମାନେ ଏତେମାତ୍ରାରେ କ୍ଷତି ପହଂଚାଇ ପାରିଲେ ନାହିଁ ଯେତେମାତ୍ରାରେ ସେମାନେ ପ୍ରଥମ ଦିନ କ୍ଷତି ପହଂଚାଇଥିଲେ । ହଜ୍‌ରତ୍ ସାଆଦ୍ ର:ଅ ହଜ୍‌ରତ୍ କାଅକାଆ ଏବଂ ହଜ୍‌ରତ୍ ହାଶିମ୍‌ଙ୍କ ଆଡ଼କୁ ସନ୍ଦେଶ ପ୍ରେରଣ କଲେ ଯେ, ଇରାନୀୟମାନଙ୍କର ଧଳା ହାତୀଠାରୁ ମୋର ପିଛା ଛଡ଼ାଅ ସୁତରାଂ ହଜ୍‌ରତ୍ କାଆକା ଏବଂ ହଜ୍‌ରତ୍ ହାଶିମ୍ ଆକ୍ରମଣ କରି ହାତୀର ଉଭୟ ଚକ୍ଷୁରେ କନ୍ତ ପୁରାଇ ଦେଲେ । ଯଦ୍ୱାରା ହାତୀଟି ଭୂମିରେ ପଡ଼ିଯାଇଥିଲା ପୁଣି ତା'ର ଶୁଣ୍ଢ କାଟି ଦିଆଯାଇଥିଲା ପୁନଶ୍ଚ ତୀର ଦ୍ୱାରା ଆକ୍ରମଣ କରି ତାକୁ ଧରାଶାୟୀ କରିଦିଆଯାଇଥିଲା । ଏହାପରେ ଅନ୍ୟ ମୁସଲମାନମାନେ ଆଉ ଏକ ହାତୀର ଆଖିରେ କନ୍ତ ମାରିଲେ ସୁତରାଂ ଉକ୍ତ ହାତୀଟି ଯେତେବେଳେ ପଳାୟନ କରି ମୁସଲମାନମାନଙ୍କ ଆଡ଼କୁ ତିବ୍ର ଗତିରେ ଆସୁଥିଲା ସେତେବେଳେ ସେମାନେ ଉକ୍ତ ହାତୀକୁ କନ୍ତ ମାରୁଥିଲେ ଏବଂ ଯେତେବେଳେ ସେହି ହାତୀ ଇରାନୀୟ ସେନା ଆଡ଼କୁ ଧାଇଁଥିଲା । ସେଠାରେ ମଧ୍ୟ ଉକ୍ତ ହାତୀକୁ କନ୍ତ ମରାଯାଉଥିଲା ପରିଶେଷରେ ସେହି ହାତୀ ଯାହାକୁ ଅଜ୍‌ରବ୍ କୁହାଯାଏ ସେ ଅତିକ୍ ନଦୀ ଆଡ଼କୁ ପଳାୟନ କଲା ଏବଂ ତାକୁ ଦେଖି ଅନ୍ୟ ହାତୀମାନେ ମଧ୍ୟ ତା' ପଛ ଧରିଲେ ଏବଂ ନଦୀ ବକ୍ଷରେ ଲମ୍ଫ ମାରିଲେ ଫଳତଃ ହାତୀ ଚାଳକ ଓ ହାତୀ ଉଭୟ ନିଶେଷ ହୋଇଗଲେ । ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଏହି ଯୁଦ୍ଧ ଜାରି ରହିଲା ଯାହାକୁ ୟୋମେ ଅମାସ୍ କୁହାଯାଏ ।

ଇଶା ନମାଜ ପରେ ପୂର୍ନବାର ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଗଲା । କୁହାଯାଏ ଯେ, ସେତେବେଳେ ତରବାରୀ ଚାଳନାର ଶବ୍ଦ ଏଭଳି ଶୁଭୁଥିଲା ଯେପରି କମାର ସାଳରେ କମାର ଲୌହକୁ ପିଟିଥାଏ । ରାତି ତମାମ୍ ହଜ୍‌ରତ୍ ସାଆଦ୍ ର:ଅ ମଧ୍ୟ ଜାଗ୍ରତ ରହିଲେ, ଏବଂ ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନାରେ ବ୍ୟସ୍ତ ରହିଲେ । ଆରବ ଓ ଅଣଆରବମାନଙ୍କର ପାଇଁ ସେହି ରାତିଟି ଏପରି ରାତି ଥିଲା, କରାଳ ରାତି ଥିଲା ଯାହାକି ଅଭୁଲା ଓ ଅବିସ୍ମରଣୀୟ ରାତି ଥିଲା । ଯାହାକୁ ସେମାନେ କଦାପି ପୂର୍ବରୁ ଦେଖିନଥିଲେ । ଯେତେବେଳେ ପ୍ରାତଃ ହେଲା ସେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଉତ୍ସାହ ଓ ସାହାସର ଲହରୀ କାଏମ୍ ରହିଥିଲା । ମୁସଲମାନମାନଙ୍କର ସେନା ଇରାନୀୟ ସେନା ଉପରେ ପ୍ରଭାବ ବିସ୍ତାର କରିସାରିଥିଲେ । ସେହି ରାତ୍ର ପରେ ଆସନ୍ତା ସକାଳ ପର୍ଯ୍ୟନ୍ତ ସମସ୍ତ ଲୋକମାନଙ୍କ ଉପରେ କ୍ଲାନ୍ତର ଲକ୍ଷଣ ସ୍ପଷ୍ଟ ବାରି ହେଉଥିଲା । କାରଣ ସେମାନେ ରାତି ସାରା ଉଜାଗର ରହିଥିଲେ । ସେହି ରାତ୍ରକୁ ଲୈଲତୁଲ୍ ହରିର୍ କୁହାଯାଏ । ଏହାର ନାମକରଣ ଏ ସମ୍ପର୍କରେ ଉଲ୍ଲେଖ ରହିଛି ଯେ, ରାତ୍ର ସମୟରେ ମୁସଲମାନମାନେ ପରସ୍ପର ମଧ୍ୟରେ ଉଚ୍ଚ ସ୍ୱରରେ ବାର୍ତାଳାପ କଲେନାହିଁ କେବଳ ଗୁଞ୍ଜରଣ ଏବଂ ଗୁଣୁଗୁଣୁ ହୋଇ ଧିର ସ୍ୱରରେ କଥା ହେଉଥିଲେ । ହରିର୍ କହିଲେ କ୍ଷଣ ସ୍ୱରକୁ ବୁଝାଏ ଏବଂ ଧନୁ ମଧ୍ୟରୁ ଏହି କ୍ଷିଣ ସ୍ୱର ବାହାରିଥାଏ । ତିବ୍‌ରୀରେ ଉଲ୍ଲେଖ ରହିଛି ଯେ ଲୈଲତୁଲ୍ ହରିର୍‌ର ନାମକରଣ ସମ୍ପର୍କରେ ଏହା ବର୍ଣ୍ଣିତ ଅଛି ଯେ, ମୁସଲମାନମାନେ ସେହି ରାତ୍ରର ପ୍ରଥମ ପ୍ରହରରୁ ସକାଳ ପର୍ଯ୍ୟନ୍ତ ଅତ୍ୟନ୍ତ ସାହାସିକତାର ସହିତ ଶତ୍ରୁର ମୁକାବିଲା କରିଥିଲେ, ସେମାନଙ୍କ ସହିତ ଲଢ଼ି ଥିଲେ ସେମାନେ ଜୋର୍‌ରେ ଉଚ୍ଚ ସ୍ୱରରେ କଥାବାର୍ତା ହେଉନଥିଲେ ବରଂ ସେମାନେ ଧୀର ଓ କ୍ଷିଣ ସ୍ୱରରେ କଥାବାର୍ତା ହେଉଥିଲେ ସେହି କାରଣରୁ ଉକ୍ତ ରାତ୍ରଟି ଲୈଲତୁଲ୍ ହରିର୍ ନାମରେ ପ୍ରଶିଦ୍ଧ ହୋଇଗଲା । ସେ ଯାହା ହେଉ ନା କାହିଁକି ଚତୁର୍ଥ ଦିନ ସକାଳୁ ଦ୍ୱିପ୍ରହର ପର୍ଯ୍ୟନ୍ତ ପୁଣି ଯୁଦ୍ଧ ଜାରି ରହିଲା ଏବଂ ଇରାନୀୟ ସୈନ୍ୟ ପଛଘୁଂଚା ଦେବାକୁ ଲାଗିଲେ । ଏହାପରେ ଯେତେବେଳେ ରୁସ୍ତମ ଉପରେ ଆକ୍ରମଣ କରାଗଲା ସେତେବେଳେ ସେ ଅତିକ୍ ନଦୀ ଆଡ଼କୁ ପଳାୟନ କଲା ଯେତେବେଳେ ସେ ନଦୀ ବକ୍ଷକୁ ଲମ୍ଫ ମାରିଲା ସେତେବେଳେ ହିଲାଲ୍ ନାମକ ଜଣେ ମୁସଲମାନ ତାକୁ ଧରି ପକାଇଲେ ଏବଂ ଟାଣି ଶୁଷ୍କ ଓ ସ୍ଥଳଭାଗକୁ ଘେନି ଆଣିଲେ ଏବଂ ତାକୁ ବଦ୍ଧ କଲେ । ଏହାପରେ ସେହି ମୁସଲମାନ ଜଣକ ଯିଏ ରୁସ୍ତମକୁ ବଦ୍ଧ କରିଥିଲା ସେ ଏହି ଘୋଷଣା କରିଦେଲା ଯେ ମୁଁ ରୁସ୍ତମକୁ ନୀହତ କରିଦେଇଛି । ମୋ ନିକଟକୁ ଆସ ଅତଏବ ମୁସଲମାନମାନେ ଚର୍ତୁପାଶ୍ୱରୁ ଏହି ସ୍ୱର ଶୁଣି ଘେରି ଗଲେ ଏବଂ ଉଚ୍ଚ ସ୍ୱରରେ ନରା ଏ ତକ୍‌ବୀର୍ ସ୍ଲୋଗାନ ଉଚ୍ଚାରିତ କଲେ । ରୁସ୍ତମର ନୀହତ ହେବା ଖବର ଶୁଣି ଇରାନୀୟସେନା ପରାଜୟ ସ୍ୱୀକାର କରିନେଲେ ଏବଂ ସେଠାରୁ ପଳାୟନ କଲେ । ମୁସଲମାନମାନେ ସେମାନଙ୍କର ପିଛା କରି ସେମାନଙ୍କୁ ମଧ୍ୟ ବନ୍ଦ କରିଦେଲେ ଏବଂ ବହୁ ସଂଖ୍ୟକ ଲୋକଙ୍କୁ ଅର୍ଥାତ ସୈନିକକୁ ବନ୍ଦି କରିଦେଲେ । ସେହି ଦିନକୁ ୟୋମେ କାଦ୍‌ସିୟା କୁହାଯାଏ । ହଜ୍‌ରତ୍ ଉମର୍ ର:ଅ ଦୈନିକ ସକାଳେ ଯୁଦ୍ଧ ଭୂମିରୁ ଫେରୁଥିବା ସନ୍ଦେଶ ବାହକଠାରୁ ଖବର ବା ସୁଚନା ପ୍ରାପ୍ତ କରୁଥିଲେ । ଯେତେବେଳେ ଯୁଦ୍ଧ ଜିଣିବାର ଖବର ଆଣିଥିବା ସନ୍ଦେଶବାହକ ବତାଇଲେ ଯେ ଅଲ୍ଲାଃ ମୁଶ୍‌ରିକ୍‌ମାନଙ୍କୁ ହରାଇ ଦେଇଛନ୍ତି । ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଧାଇଁ ଧାଇଁ ଏ ବିଷୟରେ ଖବର ଗ୍ରହଣ କରୁଥିଲେ । ଏତିକି ବେଳେ ଯୁଦ୍ଧର ବିଜୟ ଶୁଭ ସମାଚାର ଦେବା ନିମନ୍ତେ ଜଣେ ସନ୍ଦେଶ ବାହକ ଓଟ ଉପରେ ଚଢ଼ି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ପହଂଚିଥିଲା ଯିଏ କି ହଜ୍‌ରତ୍ ଉମର୍ ର:ଅଙ୍କୁ ଚିହ୍ନି ମଧ୍ୟ ନଥିଲା । ଯେତେବେଳେ ସେ ମଦିନାରେ ପ୍ରବେଶ କଲା ଲୋକମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ଅମିରୁଲ୍ ମୁମିନିନ୍ କହି ସମ୍ବୋଦ୍ଧିତ କରୁଥିଲେ ଓ ସଲାମ୍ କରୁଥିଲେ ସେତେବେଳେ ସେ ଅର୍ଥାତ ସନ୍ଦେଶବାହକ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲା, ଆପଣ କାହିଁକି ମତେ କହିଲେ ନାହିଁ ଯେ, ଆପଣ ହେଉଛନ୍ତି ଅମିରୁଲ୍ ମୁମିନିନ୍ ବୋଲି । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ହେ ମୋର ଭାଇ ! ଏଥିରେ କିଛି ଫରକ ପଡ଼େନାହିଁ ।

ସେ ଯାହା ହେଉ ନା କାହିଁକି ବିଜୟର ସୁଚନା ପ୍ରାପ୍ତ କରିବା ପରେ ହଜ୍‌ରତ୍ ଉମର୍ ର:ଅ ଭିଡ଼ ମଧ୍ୟରେ ବିଜୟ ବାର୍ତାକୁ ଶୁଣାଇଲେ ଏବଂ ଏହାପରେ ହଜ୍‌ରତ୍ ଉମର୍ ଏକ ଏକ ପ୍ରଭାବଶାଳୀ ଭାଷଣ ଦେଲେ । ପୁନଶ୍ଚ ଆପଣ ଉକ୍ତ ସନ୍ଦେଶ ବାହକ ହସ୍ତରେ ଏହି ସନ୍ଦେଶ ପ୍ରେରଣ କରିଥିଲେ ଯେ ସେନା ନିଜ ସ୍ଥାନରେ ଅଟଳ ରହୁ ଓ ସେନାକୁ ପୁନଃ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରାଯାଉ । ଅନ୍ୟାନ୍ୟ ସଂଶୋଧନ ଯୋଗ୍ୟ ପ୍ରସଙ୍ଗ ମଧ୍ୟ ଦୃଷ୍ଟି ଆକର୍ଷଣ କଲେ । ହଜ୍‌ରତ୍ ସାଆଦ୍ ର:ଅ ଖିଲାଫତ ଦରବାରରୁ ମାର୍ଗଦର୍ଶନ ଚାହିଁଲେ ଯେ କାଦ୍‌ସିୟା ଯୁଦ୍ଧରେ ଇରାନୀୟ ସୈନ୍ୟ ମଧ୍ୟରୁ ଅନେକ ସୈନିକ ମୁସଲମାନଙ୍କ ସହିତ ସନ୍ଧି ସ୍ଥାପନ କରିଥିଲେ ଏବଂ ସେମାନଙ୍କ ମଧ୍ୟରେ କେତେକ ତ' ଏପରି ସିପାହୀ ଥିଲେ ଯେଉଁମାନେ ଏକଥାର ସ୍ୱୀକାରୋକ୍ତି କରୁଥିଲେ ଯେ, ଇରାନୀୟ ସରକାର ସେମାନଙ୍କ ଇଚ୍ଛା ବିରୁଦ୍ଧରେ ସେମାନଙ୍କୁ ନିଜ ସହିତ ବାଧ୍ୟ କରି ସାମିଲ କରିଦେଇଥିଲେ ସେମାନେ ସ୍ୱଇଚ୍ଛାରେ ଆସିନଥିଲେ ବରଂ ବାଧ୍ୟ ହୋଇ ଆସିଥିଲେ । ଅନେକ ଲୋକେ ଯୁଦ୍ଧ ଯୋଗୁଁ ଉକ୍ତ ଅଂଚଳକୁ ଛାଡ଼ି ଶତ୍ରୁ ଅଂଚଳ ଅଭିମୁଖେ ଚାଲି ଯାଇଥିଲେ । ହଜ୍‌ରତ୍ ଉମର୍ ର:ଅ ଉକ୍ତ ପ୍ରସଙ୍ଗ ପାଇଁ ମଦିନାରେ ମଜ୍‌ଲିସେ ସୁରାଃ ଅନୁଷ୍ଠିତ କଲେ । ଏତଦ୍ ପରେ ଅର୍ଥାତ ନିଷ୍ପତି ନେବା ପରେ ଏହି ନିର୍ଦ୍ଦେଶନାମା ପ୍ରଦାନ କରିଥିଲେ ଯେ ଯେଉଁ ଲୋକମାନଙ୍କ ସହିତ ମୁସଲମାନମାନଙ୍କର ସନ୍ଧି କିମ୍ବା ଚୁକ୍ତି ହୋଇଯାଇଛି ଏବଂ ସେମାନେ ନିଜର ଚୁକ୍ତିକୁ ପୂରଣ କରିଛନ୍ତି ସେମାନେ ନିଜ ଅଂଚଳରେ ଅବସ୍ଥାପିତ ହେବେ ଏବଂ ଯେଉଁମାନେ ଶତ୍ରୁ ଅଭିମୁଖେ ଗଲେ ନାହିଁ ଅର୍ଥାତ ତାଙ୍କ ପଛ ଧରିଲେନାହିଁ ସେମାନଙ୍କ ଚୁକ୍ତି ପ୍ରତି ସମ୍ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ସମ୍ମାନ ପ୍ରଦର୍ଶନ କରାଯିବ । ଯେଉଁ ଲୋକାମାନଙ୍କ ସହିତ ମୁସଲମାନମାନଙ୍କର କୌଣସି ଚୁକ୍ତି ନଥିଲା ସେମାନେ ନିଜ ଅଂଚଳରେ ହିଁ ରହି ଶତ୍ରୁ ଅଭିମୁଖେ ଯାଇ ବିରୋଧିଙ୍କ ଧାଡ଼ିରେ ଛିଡ଼ା ହୋଇନଥିଲେ ସେମାନଙ୍କ ସହିତ ମଧ୍ୟ ଏହି ଅଚାରଣ ପ୍ରଦର୍ଶନ କରାଯାଉ ଯାହା ପୂର୍ବବର୍ତୀ ଲୋକମାନଙ୍କ ପ୍ରତି ପ୍ରଦର୍ଶନ କରାଯାଇଅଛି । ଅର୍ଥାତ ଯେଉଁମାନଙ୍କ ସହିତ ଚୁକ୍ତି କରାଯାଇଅଛି । ସୁତରାଂ ଯେଉଁ ଲୋକମାନେ ଏହି ଦାବି କରୁଛନ୍ତି ଯେ, ଇରାନୀୟ ପ୍ରଶାସନ ସେମାନଙ୍କୁ ବାଧ୍ୟ କରି ସେନାରେ ସାମିଲ କରିଦେଇଥିଲା ବୋଲି ସେମାନଙ୍କ ଦାବି ସତ୍ୟ ବୋଲି ସ୍ୱୀକାର କରାଯାଉ ତେବେ ସେମାନଙ୍କ ସହିତ ମଧ୍ୟ ମୁସଲମାନମାନଙ୍କର ଆଚରଣ ପ୍ରଦର୍ଶନ କରିବାରେ କୌଣସି ତ୍ରୁଟି ବା ଅବହେଳା ପ୍ରଦର୍ଶନ କରାଯିବ ନାହିଁ । ସେମାନଙ୍କୁ କିଛି କୁହାଯିବ ନାହିଁ ଯେଉଁମାନେ ମିଥ୍ୟା ଦାବି କରିଛନ୍ତି ଯେ ସେମାନଙ୍କୁ ବାଧ୍ୟ

କରାଯାଇ ଯୁଦ୍ଧରେ ସାମିଲ୍ କରାଯାଇଛି ବୋଲି ସେମାନଙ୍କ ଉପରେ କୌଣସି ପ୍ରକାରର ଅତ୍ୟାଚାର ବା ବର୍ବରତା ପ୍ରଦର୍ଶନ କରାଯିବ ନାହିଁ । ସେମାନଙ୍କ ପ୍ରତି କଠୋରତା ଅବଲମ୍ବନ କରାଯିବ ନାହିଁ । କିନ୍ତୁ ସେମାନଙ୍କ ପ୍ରଥମ ଚୁକ୍ତି ତ ବାତିଲ୍ ହୋଇଗଲା କାରଣ ସେମାନେ ଶତ୍ରୁ ପକ୍ଷର ସମର୍ଥନ କରିଥିଲେ ତେଣୁ ଏବେ ସେମାନଙ୍କ ସହିତ ସନ୍ଧି ସ୍ଥାପନ କରାଯାଉ କିମ୍ବା ସେମାନଙ୍କୁ ଶାନ୍ତିସ୍ଥଳରେ ପହଂଚାଇ ଦିଆଯାଉ । ଅର୍ଥାତ ସେମାନଙ୍କ ସହିତ ପୁନଃ ଚୁକ୍ତି କରି ସେମାନଙ୍କୁ ସେଠାରୁ ନିର୍ବାସିତ କରିଦିଆଯାଉ ଏବଂ ସେମାନେ ଯେଉଁଠି ଯାଇ ରହିବାକୁ ପସନ୍ଦ କରୁଛନ୍ତି ସେଠାରେ ଯାଇ ସେମାନେ ବସତି ସ୍ଥାପନ କରନ୍ତୁ । ଯେଉଁ ଲୋକମାନଙ୍କ ସହିତ କୌଣସି ଚୁକ୍ତି ହୋଇନାହିଁ ସେମାନେ ଉକ୍ତ ଅଂଚଳକୁ ଛାଡ଼ି ଶତ୍ରୁ ଆଡ଼କୁ ଚାଲିଯିବେ ଏବଂ ତୁମ ବିରୁଦ୍ଧରେ ଯୁଦ୍ଧରେ ସାମିଲ ହେବେ ନାହିଁ । ସେମାନଙ୍କ ସମ୍ପର୍କରେ ତୁମେ ଯଦି ଯଥୋଚିତ ମନେକର ତାହେଲେ ଏମାନଙ୍କୁ ମଧ୍ୟ ଡ଼ାକିନିଅ ଏମାନେ ଜିଜିୟା ପଇଠ କରିବେ ଯଥା ସମ୍ଭବ ଏମାନଙ୍କ ପ୍ରତି ବିନମ୍ରତା ପ୍ରଦର୍ଶନ କର ଏବଂ ସେମାନେ ତୁମ ଅଂଚଳରେ ରୁହନ୍ତୁ ସେଥିପାଇଁ ତୁମେ ତାଙ୍କୁ ଅନୁମତି ପ୍ରଦାନ କର । ଯଦି ସେମାନେ ପୂର୍ବ ପରି ତୁମ ବିରୁଦ୍ଧରେ ଛିଡ଼ା ହୁଅନ୍ତି ତେବେ ତୁମେ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ ଜାରି ରଖ । ସେମାନେ ଯଦି ଏଠାରେ ରହି ଯୁଦ୍ଧ କରନ୍ତି ତାହେଲେ ଠିକ୍ ଅଛି ସେମାନଙ୍କୁ ଏହି ପରିପ୍ରେକ୍ଷୀରେ ଏହି ଅଧିକାର ରହିବ କିନ୍ତୁ ସେମାନେ ଯଦି ଶତ୍ରୁପକ୍ଷ ସହିତ ମିଶିବା ସତ୍ତ୍ୱେ ଯୁଦ୍ଧରୁ ନିବୃତ ରୁହନ୍ତି ତେବେ ତୁମେ ସେମାନଙ୍କୁ ଛାଡ଼ି ଦିଅ ।

ଏହି ଆଦେଶ ଫଳପ୍ରଦ ହେଲା ଏବଂ ଆଖପାଖ ଲୋକମାନେ ଫେରିଆସି ନିଜ ନିଜ ଜମିରେ ବସତି ସ୍ଥାପନ କଲେ । ଏହା ଏକ ଉତ୍କୃଷ୍ଟ ଉଦାହରଣ ଥିଲା ଅତଏବ ମୁସଲମାନମାନଙ୍କର କେତେକ ଧୈର୍ଯ୍ୟ, ସତ୍‌ସାହାସ ଓ ଉଚ୍ଚ ଅଭିଳାଷୀ ଯୋଗୁଁ ସେମାନେ ସେହି ଲୋକମାନେ ମଧ୍ୟ ନିଜ ଭୂମିରେ ବସତି ସ୍ଥାପନ କରିଥିଲେ କାରଣ ମୁସଲମାନମାନେ ଅତ୍ୟନ୍ତ ସନ୍ଧିପ୍ରୀୟ ଓ ଚୁକ୍ତିରକ୍ଷାକାରୀ ଗୋଷ୍ଠୀ ଥିଲେ । କିନ୍ତୁ ଯେଉଁମାନେ ଶତ୍ରୁଙ୍କ ସହିତ ମିଶିଥିଲେ ମଦିନାର ପରାମର୍ଶ କମିଟି ସେମାନଙ୍କ ନିମନ୍ତେ ଏ ଅନୁମତି ପ୍ରଦାନ କରିଥିଲେ ଯେ ମୁସଲମାନମାନେ ସେହି ଇରାନୀୟମାନଙ୍କୁ ନିଜ ପାଖକୁ ଡ଼ାକି ଆଣନ୍ତୁ ବା ନ ଡ଼ାକନ୍ତୁ ସେମାନଙ୍କ ଜମିଗୁଡ଼ିକୁ ପରସ୍ପର ମଧ୍ୟରେ ବାଂଟି ନିଅନ୍ତୁ । ଐତିହାସିକମାନେ ଚର୍ଚ୍ଚା କରିଛନ୍ତି ଯେ, ଉକ୍ତ ବିପତି ସମୟରେ ଚୁକ୍ତି ଭଙ୍ଗ କରିଥିବା ଲୋକମାନଙ୍କୁ ପୂର୍ନବାର ଡ଼କାଯାଇ ସେମାନଙ୍କର ଜମି ତାଙ୍କୁ ଦିଆଗଲା କିନ୍ତୁ ସେମାନଙ୍କ ଜମ ଉପରେ ଅଧିକ ଟିକସ ଲଦି ଦିଆଯାଇଥିଲା । କେବଳ ଏହି ଗୋଟିଏ ସର୍ତ ରହିଥିଲା ଯେ ଠିକ୍ ଅଛି ତୁମେ ଚୁକ୍ତି ଖିଲାଫ କରିବା ସତ୍ତ୍ୱେ ମଧ୍ୟ ଫେରିଆସ ଓ ନିଜ ଭୂମିରେ ବସତି ସ୍ଥାପନ କର । ନିଜ ଭୂମିରେ ଟିକସ ଯାହା ଧାର୍ଯ୍ୟ ରହିଛି ତାହା ତୁମକୁ ଅନ୍ୟମାନଙ୍କ ତୁଳନାରେ ଅଧିକ ଦେବାକୁ ପଡ଼ିବ । ସେ ଯାହା ହେଉ ନା କାହିଁକି ତୁମେ ନିଜ ଭୂମିର ମାଲିକ ହୋଇ ରହିବ । ଇରାକରେ ଯେଉଁ ସବୁ ଯୁଦ୍ଧ ହୋଇଥିଲା ସେଥିମଧ୍ୟରୁ ଏହି ଯୁଦ୍ଧକୁ ନିର୍ଣ୍ଣାୟକ ମର୍ଯ୍ୟାଦା ପ୍ରାପ୍ତ ଅଛି । ମୁସଲମାନମାନେ ଏହି ଧର୍ମ ଯୁଦ୍ଧକୁ ଉତ୍କଟ ତଥା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧ୍ୟ ଅତ୍ୟନ୍ତ ଅବିଚଳତା, ସାହାସିକତାର ସହିତ ମୁକାବିଲା କଲେ ଏବଂ ଐତିହାସିକମାନେ ଚର୍ଚ୍ଚା କଲେ ଯେ, ଖିଲାଫତ୍ ଦରବାର ଯେତେବେଳେ ଯେତେବେଳେ ଲୋକମାନଙ୍କ ପାଇଁ ଗୁଜୁରାଣ ମେଂଟାଇବା ନିମନ୍ତେ ଭତା ଧାର୍ଯ୍ୟ କରାଗଲା ସେତେବେଳେ ଏ ସଂକ୍ରାନ୍ତରେ କାତ୍‌ସିୟାର ଅଂଶଗ୍ରହଣ ମଧ୍ୟ ଏକ ବିଶେଷତା ବୋଲି ମନେ କରାଯାଇଥିଲା । ହଜ୍‌ରତ୍ ଉମର୍ ର:ଅ କାଦ୍‌ସିୟା ଯୁଦ୍ଧରେ ଅଂଶଗ୍ରହଣକାରୀଙ୍କ ନିମନ୍ତେ ଅଧିକ ଭତା ଧାର୍ଯ୍ୟ କରିଥିଲେ । *(ମକାଲା "ତାରିଖେ ଇସ୍‌ଲାମ୍.....ପୃ-୯୧-୯୫) (ଅଲ୍‌କାମିଲ୍ ଫିତ୍ ତାରିଖ୍ ଖଣ୍ଡ-୨, ପୃ-୩୦୧-୩୩୩..... ବେରୁତ ୨୦୦୬) (ଅଲ୍‌ଫାରୁକ୍, ପୃ-୮୪-୮୯, ଇଦାରାଃ ଇସ୍‌ଲାମିୟାତ୍ ୨୦୦୪) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୪୩୫-୪୩୬.....ବେରୁତ ୨୦୧୨) (ତାରିଖେ ତିବ୍‌ରୀ ମୁତରଜିମ୍, ଖଣ୍ଡ-୨, ଭାଗ-୨, ପୃ-୨୬୩,୩୧୦, ୩୨୫.....କରାଚି ୨୦୦୪) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୪, ପୃ-୯୪, ୩୫୬) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୧, ପୃ-୨୬୭)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କାଦ୍‌ସିୟା ଯୁଦ୍ଧର ଚର୍ଚ୍ଚା କରି କହିଛନ୍ତି ଯାହାର କେତେକାଂଶ ମୁଁ ବର୍ଣ୍ଣନା କରିଦେଇଛି । "ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ଯେତେବେଳେ ଖୁସ୍‌ରୁ ପରୱେଜ୍‌ଙ୍କ ପୌତ୍ର ୟଜଦ୍‌ଜର୍ଦ ସିଂହାସନ ଆରୋହଣ କଲା ଓ ଇରାକ୍‌ର ମୁସଲମାନମାନଙ୍କ ବିରୁଦ୍ଧରେ ବିଶାଳ ସ୍ତରର ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାଙ୍କ ମୁକାବିଲା ପାଇଁ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ର:ଅଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ପ୍ରେରଣ କରିଥିଲେ । ହଜ୍‌ରତ୍ ସାଆଦ୍ ର:ଅ ଯୁଦ୍ଧ ପାଇଁ କାଦ୍‌ସିୟାର ରଣକ୍ଷେତ୍ରରେ ପହଂଚିଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କୁ ଉକ୍ତ ଭୂମିର ମାନଚିତ୍ର ପ୍ରେରଣ କରିଥିଲେ । ଯାହାକୁ ହଜ୍‌ରତ୍ ଉମର୍ ର:ଅ ବେଶ୍ ପସନ୍ଦ କଲେ ତତ୍‌ସହିତ ତଥା ସେହି ଅଂଚଳକୁ ଯୁଦ୍ଧ ପାଇଁ ପସନ୍ଦ କରିଥିଲେ ଏବଂ ଏହା ଉଲ୍ଲେଖ କଲେ ଯେ, ଇରାନ୍‌ର ରାଜା ସହିତ ଯୁଦ୍ଧ କରିବା ପୂର୍ବରୁ ତୁମମାନଙ୍କର ଏହି କର୍ତବ୍ୟ ରହିଛି ଯେ, ଏକ ପ୍ରତିନିଧିମଣ୍ଡଳ ଇରାନ୍ ରାଜା ନିକଟକୁ ପ୍ରେରଣ କର ଏବଂ ତାହାକୁ ଇସ୍‌ଲାମ୍ ଧର୍ମର ଆହ୍ୱାନ ଦିଅ । ଏଥିପାଇଁ ଆମନ୍ତ୍ରିତ କର । ସୁତରାଂ ସେମାନେ ଉକ୍ତ ଆଦେଶ ମିଳିବା କ୍ଷଣି ଏକ ପ୍ରତିନିଧି ମଣ୍ଡଳ ୟଜଦ୍‌ଜର୍ଦ ସହିତ ସାକ୍ଷାତ କରିବାପାଇଁ ପ୍ରେରଣ କଲେ । ଯେତେବେଳେ ଏହି ପ୍ରତିନିଧି ମଣ୍ଡଳ ଇରାନ୍‌ର ରାଜ ଦରବାରରେ ପହଂଚିଲା ସେତେବେଳେ ଇରାନ୍‌ର ରାଜା ନିଜର ଅନୁବାଦକଙ୍କୁ କହିଲେ ଯେ ଏହି ଲୋକମାନଙ୍କୁ ପଚାର ଏମାନେ କ'ଣ କହୁଛନ୍ତି ? ଏମାନେ ଆମ ଦେଶରେ କାହିଁକି ଉପଦ୍ରବ ସୃଷ୍ଟି କରୁଛନ୍ତି । ଯେତେବେଳେ ଅନୁବାଦକ ଏହି ପ୍ରଶ୍ନ କଲା ସେତେବେଳେ ପ୍ରତିନିଧି ମଣ୍ଡଳର ଅଧିପତି ହଜ୍‌ରତ୍ ନୁମାନ୍ ବିନ୍ ମୁକର୍‌ରିନ୍ ଛିଡ଼ା ହେଲେ ଏବଂ ରସୁଲେ୍ କରିମ୍ ସ:ଆ:ସଙ୍କ ଆବିର୍ଭାବ ହେବାର ଚର୍ଚ୍ଚା କରି କହିଲେ, ଆପଣ ସ:ଆ:ସ ଆମକୁ ଆଦେଶ ଦେଇଛନ୍ତି ଯେ, ଆମେମାନେ ଇସ୍‌ଲାମ୍‌କୁ ପ୍ରସାରିତ କରିବୁ ପୃଥିବୀରେ ପରିବ୍ୟାପ୍ତ କରିବୁ ଏବଂ ସତ୍ ଧର୍ମର ପ୍ରଚାର ନିମନ୍ତେ ଲୋକମାନଙ୍କୁ ଆମନ୍ତ୍ରିତ କରିବୁ । ଉକ୍ତ ଆଦେଶ ଅନୁଯାୟୀ ଆମେମାନେ ଆପଣଙ୍କ ସେବାରେ ଉପସ୍ଥିତ ହୋଇଛୁ ଆପଣଙ୍କୁ ଇସ୍‌ଲାମ୍ ଧର୍ମରେ ସାମିଲ ହେବାପାଇଁ ଆମନ୍ତ୍ରିତ କରୁଛୁ । ୟଜଦ୍‌ଜର୍ଦ ଉକ୍ତ ଉତରକୁ ଶୁଣି କ୍ରୋଧିତ ହୋଇଉଠିଲା ଏବଂ କହିଲା, ତୁମେମାନେ ହେଉଛି ହିଂସ୍ର ଏବଂ ମୃତ ଜୀବଜନ୍ତୁ ଭକ୍ଷକ ଗୋଷ୍ଠୀ ତୁମକୁ ଯଦି ଭୋକ ଉପାସ ଗ୍ରାସ କରିଛି ତେବେ ମୁଁ ତୁମ ସମସ୍ତଙ୍କୁ ଏତେ ଖାଦ୍ୟ ପଦାର୍ଥ ଦେବି ଯେ, ତୁମେ ସାରା ଜୀବନ ତୃପ୍ତ ରହିବ । ସେହି ପରି ମୁଁ ତୁମକୁ ପରିଧାନ କରିବାପାଇଁ ବସ୍ତ୍ର ମଧ୍ୟ ଦେବି ତୁମେମାନେ ଏ ସବୁ ଜିନିଷ ନିଅ ଏବଂ ସ୍ୱଦେଶକୁ ଫେରିଯାଅ । ତୁମେମାନେ ଆମମାନଙ୍କ ସହିତ ଯୁଦ୍ଧ ଲଢ଼ି କାହିଁକି ନିଜ ଜୀବନକୁ ଧ୍ୱଂସ କରିବାକୁ ଚାହୁଁଛ । ଯେତେବେଳେ ସେ ନିଜର କଥା କହିସାରିଲା ସେତେବେଳେ ଇସ୍‌ଲାମୀୟ ପ୍ରତିନିଧି ମଣ୍ଡଳରୁ ହଜ୍‌ରତ୍ ମୁଗୈରା ବିନ୍ ଜୁରାରାଃ ଛିଡ଼ା ହେଲେ ଓ କହିଲେ, ଆପଣ ଆମମାନଙ୍କ ସମ୍ପର୍କରେ ଯାହା କିଛି କହିଛନ୍ତି ସମ୍ପୂର୍ଣ୍ଣ ରୂପେ ଠିକ୍ କଥା କହିଛନ୍ତି, ଆମେମାନେ ପ୍ରକୃତରେ ହିଂସ୍ର ଓ ମୃତ ଜୀବଜନ୍ତୁ ଭକ୍ଷକ ଜାତି ଥିଲୁ । ସର୍ପ, ବିଛା, ଝିଂଟିକା, ଝିଟିପିଟି ଆଦି କୀଟପତଙ୍ଗ ମଧ୍ୟ ଖାଉଥିଲୁ । କିନ୍ତୁ ଅଲ୍ଲାଃ ତାଲା ଆମମାନଙ୍କ ଉପରେ କୃପା ଅବତୀର୍ଣ୍ଣ କଲେ ନିଜର ବାର୍ତାବହଙ୍କୁ ଆମମାନଙ୍କ ମଧ୍ୟରେ ଅବତୀର୍ଣ୍ଣ କଲେ, ଆମେମାନେ ତାହାଙ୍କ ଉପରେ ବିଶ୍ୱାସ ଆଣିଲୁ ଏବଂ ଆମେ ତାଙ୍କ କଥା ମାନିଲୁ ଯାହାର ପରିଣାମ ସ୍ୱରୁପ ବର୍ତମାନ ଆମମାନଙ୍କ ମଧ୍ୟରେ ଏକ ମହା ବିପ୍ଳବ ସୃଷ୍ଟି ହୋଇଯାଇଛି । ବର୍ତମାନ ଆମମାନଙ୍କଠାରେ ଏହି ଅବଗୁଣ ମାନ ଆଉ ରହିନାହିଁ ଯାହାକି ପୂର୍ବେ ରହିଥିଲା । ବର୍ତମାନ ଆମେ କୌଣସି ସାଂସାରିକ ଲୋଭ ମୋହ ମାୟା ଆଦିର ବଶୀଭୂତ ନାହୁଁ ନା ଆମେ ସେଥିପାଇଁ ଏଠାକୁ ଆସିଛୁ । ଆପଣମାନଙ୍କ ସହିତ ଆମର ଯୁଦ୍ଧ ଆରମ୍ଭ ହୋଇସାରିଛି ଏହାର ନିର୍ଣ୍ଣୟ ଯୁଦ୍ଧ ଭୂମିରେ ହିଁ ହେବ । ଯଦି ଆପଣଙ୍କୁ ଏହା ହିଁ ମଞ୍ଜୁର୍ ତେବେ ଆମର ଏହି ଆମନ୍ତ୍ରଣକୁ ଅର୍ଥାତ ଇସ୍‌ଲାମ୍‌ର ନିମନ୍ତ୍ରଣକୁ ଅସ୍ୱୀକାର କରନ୍ତି ତାହେଲେ ଯୁଦ୍ଧ କରିବାକୁ ପ୍ରସ୍ତୁତ ରୁହନ୍ତୁ । ସାଂସାରିକ ମାହାମୋହ ବା ସାଂସାରିକ ଧନ ସମ୍ପତିର ଲୋଭ ଆମ ହୃଦୟରେ ନାହିଁ ଯାହା ଆମମାନଙ୍କୁ ନିଜ ସଂକଳ୍ପରୁ ତିଳେମାତ୍ର ବିଚଳ କରିପାରିବ । ଯେତେବେଳେ ୟଜଦ୍‌ଜର୍ଦ ଏହି କଥା ଶୁଣିଲା ସେତେବେଳେ ସେ କ୍ରୋଧରେ ଜର୍ଜରିତ ହୋଇ ନିଜର ଏକ ଦାସକୁ କହିଲା, ଯାଅ ବସ୍ତାଏ ମାଟି ନେଇଆସ ସୁତରାଂ ମାଟି ବସ୍ତା ଆସିଲା ଇସ୍‌ଲାମୀୟ ପ୍ରତିନିଧିମଣ୍ଡଳର ଅଧିପତିଙ୍କ ଆଗକୁ ଡ଼କାଇ କୁହାଗଲା ଯେ, ଯଦିଓ ତୁମେ ମୋର ପ୍ରସ୍ତାବକୁ ପ୍ରତ୍ୟାଖାନ କରିଦେଇଛ ତେଣୁ ବର୍ତମାନ ତୁମକୁ ଏହି ମାଟି ବସ୍ତା ବ୍ୟତିତ ଅନ୍ୟ କିଛି ମିଳିପାରିବ ନାହିଁ । ସେହି ସାହାବି ଜଣକ ଅତ୍ୟନ୍ତ ଗମ୍ଭିରତାର ସହିତ ଆଗକୁ ବଢ଼ିଲେ ଏବଂ ନିଜର ମୁଣ୍ଡ ନୁଆଇଁ ଦେଲେ । ସେହିପରି ଯେପରି ପୂର୍ବେ ଚର୍ଚ୍ଚା ହୋଇସାରିଛି ଯେ, ସେ ଉକ୍ତ ମାଟି ବସ୍ତାଟିକୁ ନିଜ ପିଠି ଉପରେ ଉଠାଇ ନେଲେ ପୁନଶ୍ଚ ସେଠାରୁ ଲମ୍ଫ ମାରିଲେ ଏବଂ କ୍ଷୀପ୍ର ବେଗରୁ ରାଜ ଦରବାରରୁ ବାହାରି ଆସିଲେ, ନିଜର ସାଥିମାନଙ୍କୁ ଉଚ୍ଚ ସ୍ୱରରେ କହିଲେ, ଆଜି ଇରାନ୍‌ର ରାଜା ନିଜ ହସ୍ତରେ ନିଜ ଦେଶର ଭୂମିକୁ ଆମ ହାତରେ ଟେକି ଦେଇଛନ୍ତି । ଏହାପରେ ସେ ଅଶ୍ୱ ଉପରେ ଆରୋହଣ ହୋଇ କ୍ଷୀପ୍ର ବେଗରେ ରାଜ ପ୍ରସାଦରୁ ବାହାରି ଗଲେ । ଯେତେବେଳେ ରାଜା ତାଙ୍କର ଏହି ନାରା ଅର୍ଥାତ ସ୍ଲୋଗାନ ଶୁଣିଲେ ଅଲ୍ଲାଃହୁ ଅକ୍‌ବର୍‌ର ସେତେବେଳେ ସେ ପ୍ରକମ୍ପିତ ହୋଇ ଉଠିଲା ଏବଂ ନିଜର ଦରବାରୀଙ୍କୁ କହିଲା ଆରେ ସେମାନଙ୍କ ପଛରେ ଧାଇଁଯାଅ ଓ ମାଟିର ସେହି ବସ୍ତା ସେମାନଙ୍କଠାରୁ ଫେରାଇ ଆଣ ଏହା ତ' ଘୋର ଅଶୁଭ କାର୍ଯ୍ୟ ମୋ ଦ୍ୱାରା ସମ୍ପାଦିତ ହୋଇଗଲା ଯେ ମୁଁ ନିଜ ହାତରୁ ନିଜ ଦେଶର ମାଟି ସେମାନଙ୍କୁ ଦାନ କରିଦେଇଛି । କିନ୍ତୁ ସେମାନେ ସେତେବେଳକୁ ଅଶ୍ୱ ଉପରେ ଆରୋହଣ ହୋଇ ଅନେକ ଦୂର ଚାଲିଯାଇଥିଲେ କିନ୍ତୁ ଶେଷରେ ତାହା ହିଁ ହେଲା ଯାହା ମୁସଲମାନମାନେ କହିଥିଲେ, ଯେ କିଛି ବର୍ଷ ମଧ୍ୟରେ ହିଁ ଇରାନ୍ ମୁସଲମାନମାନଙ୍କ ଅଧିନକୁ ଆସିଗଲା ।" ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉଲ୍ଲେଖ କରିଛନ୍ତି "ଏହି ଭବ୍ୟ ପରିବର୍ତନ ମୁସଲମାନମାନଙ୍କ ମଧ୍ୟରେ କାହିଁକି ଓ କିପରି ସୃଷ୍ଟି ହେଲା ? ତାହା ଏହିପରି ଯେ, ପବିତ୍ର କୁରାନୀୟ ଶିକ୍ଷା ସେମାନଙ୍କ ଆଚାର ବ୍ୟବହାର ଓ ଚାଲିଚଲଣ ତଥା ଅଭ୍ୟାସରେ ଅଭୁତପୂର୍ବ ପ୍ରଭାବ ପକାଇ ଏକ ପରିବର୍ତନ ଓ ବିପ୍ଳବ ଆଣିଦେଇଥିଲା । ସେମାନଙ୍କର ବ୍ୟର୍ଥ ଜୀବନ ଉପରେ ଏକ ମୃତ୍ୟୁର କାୟା ଛାଇ ଖେଳିଯାଇଥିଲା ଏବଂ ସେମାନଙ୍କୁ ଉଚ୍ଚ ନୈତିକ ଓ ଉଚ୍ଚ ସ୍ତରୀୟ ଚାରିତ୍ରିକ ବ୍ୟକ୍ତିତ୍ୱରେ ଉପନୀତ କରିଦେଇଥିଲା ଯଦ୍ୱାରା ଏହି ମହା ବିପ୍ଳବ ସୃଷ୍ଟି ହୋଇଥିଲା" ।*(ତଫ୍‌ସିର୍ କବୀର୍ ଖଣ୍ଡ-୬, ପୃ-୨୬୮-୨୭୦)*

ଅତଏବ ପବିତ୍ର କୁର୍‌ଆନ୍‌ର ଶିକ୍ଷା ଉପରେ ଅନୁକରଣ କରିବା ଦ୍ୱାରା ହିଁ ଏଭଳି ପରିବର୍ତନ ଓ ବିପ୍ଳବ ଆସିଥାଏ । ହଜ୍‌ରତ୍ ଉମର୍ ର:ଅଙ୍କ ଆଲୋଚ୍ୟ ଜୀବନୀଟି ବର୍ତମାନ ଅଭ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ଆଲୋଚନା କରିବି ।

⌘⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ଉପାସନାର ହକ୍‌କୁ ପ୍ରଦାନ କରିପାରିବେ ନାହିଁ । ଆପଣମାନେ ନମାଜ୍‌ର ହକ୍‌କୁ ପ୍ରଦାନ କରୁନାହଁ । ପୁଣି ଏହିଭଳି ଲୋକମାନେ ଏପରି ପରିଧି ଭିତରେ ସାମିଲ ହୋଇଥାନ୍ତି ଯେଉଁମାନଙ୍କ ବିଷୟରେ ମୁଁ ପୂର୍ବରୁ ଚର୍ଚ୍ଚା କରିସାରିଛି ଯେ, ଅଲ୍ଲାଃ ତାଲା କହୁଛନ୍ତି କି, ଏପରି ଲୋକମାନଙ୍କ ପାଇଁ ସେମାନଙ୍କର ନମାଜ ସେମାନଙ୍କ ଧ୍ୱଂସର କାରଣ ହୋଇଯିବ । ତେଣୁ ନିଜ ଲୋକମାନଙ୍କ ସହିତ ମଧ ପ୍ରେମ ଓ ସ୍ନେହ କରିବାକୁ ହେବ ସେହିଭଳି ଅନ୍ୟମାନଙ୍କ ସହିତ ମଧ ପୂର୍ବଠାରୁ ଅଧିକା ଏହି ସମ୍ପର୍କକୁ କାଏମ୍ କରିବାକୁ ହେବ ପୁଣି ଏହି ସମ୍ପର୍କରେ ଆଗକୁ ବଢ଼ିବାକୁ ହେବ ଓ ଏ ସଂସାରବାସୀଙ୍କୁ ଏ କଥା ବତାଇବାକୁ ହେବ ଯେ, ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା କ'ଣ ।

ଅଲ୍ଲାଃ ତାଲା ଆପଣ ସମସ୍ତଙ୍କୁ ଏହି ମସ୍‌ଜିଦ୍‌ର ହକ୍ ପ୍ରଦାନ କରିବା ପ୍ରତି ଶକ୍ତି ଓ ସାମର୍ଥ୍ୟ ଦିଅନ୍ତୁ ଓ ଯେଉଁଠି ଆପଣମାନେ ଉପାସନାର ହକ୍‌କୁ ପ୍ରଦାନ କରୁଥିବେ, ପ୍ରକୃତ ଉପାସନା କରିବାର ହକ୍‌କୁ ପ୍ରଦାନ କରୁଥିବେ ସେଠାରେ ଲୋକମାନଙ୍କର ଅଧିକାରକୁ ପ୍ରଦାନ କରିବା ପ୍ରତି ମଧ ଚେଷ୍ଟା କରିବେ ।

ମୁଁ ଏଠାରେ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଯେ, ସେମାନେ ଏଠାକୁ ଆସି ଆମର ଏହି କାର୍ଯ୍ୟକ୍ରମକୁ ମହିମା ମଣ୍ଡନ କଲେ ଧନ୍ୟବାଦ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଭାଷଣ ୮:୫୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ତା'ପରେ ଏହି ସଭାରେ ଉପସ୍ଥିତ ଥିବା ସମସ୍ତ ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ରାତ୍ର ଭୋଜନ ଗ୍ରହଣ କଲେ ।

ଆଜିକାର ଏହି ଉତ୍ସବରେ ୨୧୦ଜଣ ଅତିଥି ସାମିଲ ହୋଇଥିଲେ । ସେମାନଙ୍କ ମଧରେ ପ୍ରାଦେଶିକ ପାର୍ଲାମେଂଟର ସଦସ୍ୟ Schultheis Karl, Lord Mayor of Achhen Marcel Philipp, Member of State Parliament Jansen Daniela, Member of City Parliament Kuckelkorn Manfrei, Member of city Parliament Jansen Bjorn, Member of city Parliament Dopatka Mathies, Mayor of Wurselen city Keller Arno ଏବଂ ଏତଦ୍‌ବ୍ୟତିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀମାନେ, ଓକିଲ, ଡ଼ାକ୍ତର, ଇଂଜିନିୟର, ଶିକ୍ଷକ ଏବଂ ବିଭିନ୍ନ ବିଭାଗ ସହିତ ସମ୍ବନ୍ଧ ରଖିଥିବା ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ଥିଲେ ।

ସଭା ଶେଷ ହେବା ପରେ କିଛି ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ଅତିଥିମାନଙ୍କ ସହିତ ବାର୍ତାଳାପ କଲେ । ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ସାମିୟାନାରୁ ବାହାରକୁ ବାହାରୁଥିଲେ ସେତେବେଳେ ଜଣେ ବୟସ୍କ ଅହେମଦୀ ବନ୍ଧୁ (ଯିଏ ହ୍ୱିଲ୍ ଚେୟାର ଉପରେ ବସିଥିଲେ) ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ଇଚ୍ଛା ପ୍ରକାଶ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହ ଦେଖାଇ ତାଙ୍କ ନିକଟରେ ଛିଡ଼ା ହୋଇଗଲେ ଏବଂ ପୁଣି ତାଙ୍କ ସହିତ ହାତ ମିଳାଇବା ପରେ ତାଙ୍କ ଅବସ୍ଥା ବିଷୟରେ ପଚାରି ବୁଝିଲେ । ସେହି ସୌଭାଗ୍ୟବାନ ବ୍ୟକ୍ତିଙ୍କ ନାମ ହେଉଛି ଚୌଧୁରୀ ଇନାୟତୁଲ୍ଲାଃ ଓ ତାଙ୍କର ବୟସ ହେଉଛି ଶହେ ବର୍ଷ । ପାକିସ୍ତାନରେ ଥିବା ସର୍ଗୋଦା ଜିଲ୍ଲାର ଭଲଓ୍ୱାଲ୍ ଗ୍ରାମ ସହିତ ତାଙ୍କର ସମ୍ବନ୍ଧ ରହିଛି ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଲଜ୍‌ନା ମାନଙ୍କ ସାମିୟାନା ଭିତରକୁ ଗଲେ । ଯେଉଁଠି ମହିଳାମାନେ ହଜୁରଙ୍କୁ ଦର୍ଶନ କଲେ ଓ ଛୋଟ ଛୋଟ ଝିଅପିଲାମାନେ ପ୍ରାର୍ଥନା ମୂଳକ ନଜମ୍ ଏବଂ ତରାନା ପଢ଼ି ଶୁଣାଇଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି ଛୋଟ ଛୋଟ ଝିଅ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଭିତରେ ଥିବା ହଲ୍ ମଧରେ ପ୍ରବେଶ କଲେ । ଯେଉଁଠି ପ୍ରୋଗ୍ରାମ ମୁତାବକ ସ୍ଥାନିୟ ମଜ୍‌ଲିସ୍ ଆମେଲା ଏବଂ ଅନ୍ୟାନ୍ୟ ଜମାତି ଓ୍ୱହଦାଦାରମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଏହି ସମୟରେ ପିଲାମାନେ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଧାଡ଼ି ବାନ୍ଧି ଛିଡ଼ା ହୋଇସାରିଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି ପିଲାମାନଙ୍କୁ ମଧ ଚକୋଲେଟ୍ ପ୍ରଦାନ କଲେ ।

ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଯମାତ୍‌ର ସଦସ୍ୟମାନଙ୍କ ଗହଣରେ ବିରାଜମାନ ହେଲେ । ଏହି ଅବଧିରେ କେତେକ ଅତିଥି ଆସି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କଲେ ଓ ହାତ ମିଳାଇଲେ ।

ଆଜିର ଏହି ଉତ୍ସବରେ ସାମିଲ ହୋଇଥିବା ବହୁତ ଅତିଥି ନିଜର ଅଭିଜ୍ଞତାକୁ ଓ ମନୋଭାବକୁ ପ୍ରକାଶ କଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି ଏବଂ ଅତିଥିମାନେ ଏହାକୁ ପ୍ରକାଶ କରିବା ବିନା ରହିପାରିଲେ ନାହିଁ ।

ମସ୍‌ଜିଦ୍‌ର ସମ୍ମୁଖରେ ଅବସ୍ଥିତ କିଣ୍ଡର ଗାର୍ଡ଼େନ୍ ସ୍କୁଲ୍‌ର ଜଣେ ଶିକ୍ଷକ Alett Bolle ମଧ ଏହି ଉତ୍ସବରେ ସାମିଲ ହେବାପାଇଁ ଆସିଥିଲେ । ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣରେ ପ୍ରଭାବିତ ହୋଇ କହିବାକୁ ଲାଗିଲେ ଯେ, ଆଜି ମତେ ସବୁଠାରୁ ଅଧିକା ହଜୁର ଅନଓ୍ୱର ଅ:ବ:ଅଙ୍କ ଅସ୍ତିତ୍ୱ ପ୍ରଭାବ ପକାଇଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ଆଖିରୁ ପ୍ରେମ ଝରିପଡୁଛି ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ବାକ୍ୟଗୁଡ଼ିକ ମନକୁ ଶାନ୍ତି ପ୍ରଦାନ କରୁଅଛି । ଖଲିଫତୁଲ୍ ମସିହି ଆଜି ବହୁତ ସୁନ୍ଦର ଭାବେ ଏବଂ ବହୁତ ଧୀର ସ୍ୱରରେ କଥା ହେଲେ । କିନ୍ତୁ ଏହି କହିବା ଶୈଳୀରେ ମଧ ଜଣେ ପ୍ରଭାବଶାଳୀ ସମ୍ରାଟଙ୍କ ଝଲକ ଥିଲା । ଖଲିଫା ସାହେବଙ୍କର ଏହି ସବୁ କଥା ଗୁଡ଼ିକ ଆମ ମନ ଭିତରେ ପଶିଯାଇଛି । ସେଥିଯୋଗୁଁ ପ୍ରତ୍ୟେକଙ୍କ ହୃଦୟ ଭିତରେ ତାଙ୍କର ସମ୍ମାନ କାଏମ୍ ହୋଇଅଛି । ମତେ ଏକଥା କହିବାକୁ ପଡ଼ିବ ଯେ, ଖଲିଫତୁଲ୍ ମସିହିଲ୍ ମଣିଷ ଜାତି ପାଇଁ ହେଉଛି ଗୋଟିଏ ବିଶେଷ ଉପହାର । ମୋ ଜୀବନକାଳ ମଧରେ କେବେ ବି କୌଣସି ବ୍ୟକ୍ତି ମତେ ଏତେମାତ୍ରାରେ ପ୍ରଭାବିତ କରିନାହାନ୍ତି ଯେତେ ମାତ୍ରାରେ ଆଜି ଖଲିଫୁତଲ୍ ମସିହି ପ୍ରଭାବିତ କରିଛନ୍ତି ।

ସେହି ଶିକ୍ଷୟତ୍ରୀ ଜଣକଙ୍କର ସ୍ୱାମୀ Mr. Fritz Bolle ସାହେବ ମଧ ଏହି ସଭାରେ ସାମିଲ ଥିଲେ । ସେ କହିବାକୁ ଲାଗିଲେ ଯେ, ଖଲିଫତୁଲ୍ ମସିହିଲ୍‌ଙ୍କ ପବିତ୍ର ଅସ୍ତିତ୍ୱରୁ ଯେଉଁ ଶାନ୍ତି ଏ ପୃଥିବୀରେ ବ୍ୟାପୁଅଛି ତାହା ଏକ ଆଶ୍ଚର୍ଯ୍ୟଜନକ କଥା । ମୁଁ ଭାବୁଛି ଯେ, ଏହା ହିଁ ହେଉଛି ସେହି ଶାନ୍ତି ଯାହାର ଆବଶ୍ୟକ ଆଜି ସଂସାରବାସୀଙ୍କୁ ରହିଛି ।

ଆଉ ଜଣେ ସାଇକୋଲଜିଷ୍ଟ ମହିଳା ଆଲେକ୍‌ଜାଣ୍ଡ୍ରା ସାହେବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ,

ମୁଁ ଖଲିଫତୁଲ୍ ମସିହିଙ୍କ ବକ୍ତବ୍ୟରେ ବହୁତ ପ୍ରଭାବିତ ହୋଇଅଛି ବିଶେଷ ରୂପେ ହଜୁର ଅନଓ୍ୱର ଅ:ବ:ଅଙ୍କ ପ୍ରେମପୂର୍ଣ୍ଣ ବାର୍ତା ଦ୍ୱାରା ଯାହାକୁ ସେ ଆଜି ଆମକୁ ଦେଲେ । ହଜୁର ଅନଓ୍ୱର ଅ:ବ:ଅ ଫୁଲ ବିକ୍ରି କରୁଥିବା ଲୋକଟିର ଉଦାହରଣ ଦେଇ ଇସ୍‌ଲାମୀୟ ଶିକ୍ଷାକୁ ଏବଂ ଉଚ୍ଚ ଚରିତ୍ରକୁ ଫୁଲ ସହିତ ଯେଉଁ ଉପମା ଦେଲେ ତାହା ମତେ ବହୁତ ପ୍ରଭାବିତ କଲା ଏବଂ ଏବେ ଏହା ସର୍ବଦା କାଏମ୍ ରହିବ ଓ ସୁଗନ୍ଧ ଦେଉଥିବା ଫୁଲ ଅଟେ । ଏହା ସର୍ବଦା ଆମ ସାଥିରେ ରହିବ ।

Aachen ଠାରେ ରହୁଥିବା ଜଣେ ବନ୍ଧୁ ବଙ୍ଗର୍ ସାହେବ ମଧ ଏହି ସଭାରେ ସାମିଲ ଥିଲେ । ସେ କହିଲେ ଯେ, ଦୁଇ ତିନିବର୍ଷ ପୂର୍ବେ ମୁଁ ୟୁରୋପୀୟନ୍ ପାର୍ଲାମେଂଟ୍‌ରେ ଖଲିଫତୁଲ୍ ମସିହିଲ୍‌ଙ୍କ ବକ୍ତବ୍ୟ ଶୁଣିଥିଲି । ଆଜି ମୁଁ ପ୍ରକୃତରେ ସେହି ଉଦ୍ଦେଶ୍ୟ ନେଇ ଆସିଥିଲି ଯଦ୍ୱାର ଏହା ମୁଁ ଦେଖିବି ଯେ, କ'ଣ ଆପଣଙ୍କ ଖଲିଫା କେବଳ ବଡ଼ ବଡ଼ ଲୋକମାନଙ୍କ ସମ୍ମୁଖରେ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମରେ ଶାନ୍ତିର ଶିକ୍ଷା ଉପସ୍ଥାପନ କରୁଛନ୍ତି ବା ଅନ୍ୟାନ ଛୋଟ ଛୋଟ ପ୍ରୋଗ୍ରାମଗୁଡ଼ିକରେ ମଧ ଯେଉଁଠି ଅପେକ୍ଷା କୃତ କମ୍ ପଦମର୍ଯ୍ୟାଦା ରଖୁଥିବା ଲୋକମାନେ ସାମିଲ ହେଉଛନ୍ତି ସେଠାରେ ବି ଶାନ୍ତିର ବାର୍ତା ପେଶ୍ କରୁଛନ୍ତି କି, ଅତଏବ ଆଜି ମୁଁ ଏଠାରେ ଖଲିଫାଙ୍କ ଭାଷଣ ଶୁଣିଲି ଓ ଖଲିଫା ସେହି ଶିକ୍ଷାକୁ ଉପସ୍ଥାପନ କଲେ ଯାହାକୁ ସେ, ୟୁରୋପିୟନ୍ ପାର୍ଲାମେଂଟରେ ଉପସ୍ଥାପନ କରିଥିଲେ । ଖଲିଫା ସାହେବ ସମସ୍ତଙ୍କୁ ଜଣେ ଅନ୍ୟ ଜଣଙ୍କ ସହିତ ପ୍ରେମ କରିବାପାଇଁ, ସୌହାର୍ଦ୍ଧ୍ୟ ପୂର୍ଣ୍ଣ ବ୍ୟବହାର କରିବାପାଇଁ, ସହିଷ୍ଣୁତା ଦେଖାଇବା ପାଇଁ, ଉଦାର ମନୋଭାବ ପୋଷଣ କରିବା ପାଇଁ ଏବଂ ପରସ୍ପର ମଧରେ ପୂଣ୍ୟ ବ୍ୟବହାର କରିବାପାଇଁ ଉପଦେଶ ଦେଲେ । ଏହି ସବୁ କଥା ଗୁଡ଼ିକ ମତେ ବହୁତ ପ୍ରଭାବିତ କଲା ।

ଷ୍ଟେଟ୍ ପାର୍ଲାମେଂଟର ସଦସ୍ୟ Karl Schultheis କହିଲେ,

''ଆଜିର ଏହି ଶଭାର ଆୟୋଜନ ବହୁତ ସୁନ୍ଦର ଭାବେ କରାଯାଇଥିଲା । ଆପଣଙ୍କ ଖଲିଫା ହେଉଛନ୍ତି ଜଣେ ପ୍ରକୃତ ଆଦର୍ଶ ଓ ସେ ବାସ୍ତବିକ ଠିକ୍ ରୂପେ ଶାନ୍ତିର ଦୂତ ଅଟନ୍ତି'' ।

ଷ୍ଟେଟ୍ ପାର୍ଲାମେଂଟର ଜଣେ ସଦସ୍ୟା Daniela Jansen ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ,

''ଖଲିଫତୁଲ୍ ମସିହିଲ୍‌ଙ୍କ ବାର୍ତା ଆଗକୁ ଅନ୍ୟ ଲୋକମାନଙ୍କ ନିକଟରେ ପହଂଚାଇବା ଉଚିତ । ଆଜି ଖଲିଫତୁଲ୍ ମସିହିଲ୍‌ଙ୍କ ଭାଷଣରୁ ଆମକୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ବିଷୟରେ ସୂଚନା ମିଳିଲା ।''

ମସ୍‌ଜିଦ୍‌ର ପ୍ରାଙ୍ଗଣ ସହିତ ସଲଗ୍ନ ଥିବା ହଲ୍‌ଗୁଡ଼ିକର ମାଲିକ Mr. Schneider ସାହେବ ନିଜ ପରିବାରଙ୍କ ସହିତ ଆସିଥିଲେ ।

ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ ଶୁଣି କହିବାକୁ ଲାଗିଲେ ଯେ, ଖଲିଫତୁଲ୍ ମସିହିଲ୍ ଯାହା କିଛି କହିଛନ୍ତି ତାହା ବହୁତ ପ୍ରଭାବଶାଳୀ ଥିଲା । ଆମ୍ଭେ ବହୁତ ଧ୍ୟାନ ଦେଇ ଖଲିଫାଙ୍କ ଭାଷଣକୁ ଶୁଣିଲୁ ଏବଂ ତାଙ୍କର ଏହି ଭାଷଣ ବହୁତ ଗୁରୁତ୍ୱପୂର୍ଣ୍ଣ ଭାଷଣ ଥିଲା । ଆମେ ଖଲିଫତୁଲ୍ ମସିହିଲ୍‌ଙ୍କ କଥାଗୁଡ଼ିକୁ ଆହୁରି କେତେ ଘଂଟା ପର୍ଯ୍ୟନ୍ତ ଶୁଣିପାରିବୁ ବରଂ ଶୁଣିବା ଉଚିତ ।

ଜଣେ ଜର୍ମନ ଲୋକ କହିଲେ ଯେ, ଖଲିଫତୁଲ୍ ମସିହି ଯେଉଁ କଥା ବର୍ଣ୍ଣନା କରିଛନ୍ତି ତା'ଉପରେ ଯଦି କେବଳ ଅହେମଦୀ ମୁସଲମାନ ନୁହେଁ ବରଂ ସାରା ଦୁନିଆର ଲୋକମାନେ ପରିଚାଳିତ ହେବାପାଇଁ ଆରମ୍ଭ କରିବେ । ତା ହେଲେ ଏ ସଂସାରରେ ବହୁତ ବଡ଼ ଶାନ୍ତି ପ୍ରତିଷ୍ଠା ହୋଇଯିବ । ଏହି ଶିକ୍ଷାକୁ ଗ୍ରହଣ କରିବାପାଇଁ ଇସାଇ ବା ମୁସଲମାନ ହେବାର କୌଣସି ଆବଶ୍ୟକତା ନାହିଁ ବରଂ ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏହି ଶିକ୍ଷାକୁ ଗ୍ରହଣ କରିବାକୁ ବାଧ ହେବେ ।

ୟୁକ୍ରେନ୍ ଦେଶ ସହିତ ସମ୍ବନ୍ଧ ରଖିଥିବା ଗୋଟିଏ ଫ୍ୟାମିଲି ନିଜର ମନୋଭାବକୁ ବ୍ୟକ୍ତ କରି ନିମ୍ନଲିଖିତ କଥା କହିଛନ୍ତି ।

''ଆମେ ତ' ଏହା ଭାବୁଥିଲୁ ଯେ, ଜଣେ ଧାର୍ମିକ ନେତା ଦୃଷ୍ଟିକୋଣରୁ ଖଲିଫତୁଲ୍ ମସିହି କ୍ଲିଷ୍ଟ ଭାଷା ବ୍ୟବହାର କରିବେ ବୋଲି ଏବଂ ଦାର୍ଶନିକ କଥା କହିବେ ବୋଲି କିନ୍ତୁ ଆମେ ଏହା ଦେଖି ବହୁତ ଆଶ୍ଚର୍ଯ୍ୟ ହୋଇଗଲୁ ଯେ, ଖଲିଫତୁଲ୍ ମସିହି କୌଣସି ପ୍ରକାରର କ୍ଲିଷ୍ଟ ଭାଷା ବ୍ୟବହାର କଲେ ନାହିଁ ବରଂ ସହଜ ଭାଷାରେ କାର୍ଯ୍ୟକାରୀ କଥା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଏବଂ ନିଜ ଭାଷଣର ସମ୍ବନ୍ଧ ସାଂସାରିକ ବିଷୟ ସହିତ, ଉଦାହରଣ ଦେଇ ଏବଂ ଦାର୍ଶନିକ କଥା କଲେ ନାହିଁ ।''

ୟୁନିର୍ଭସିଟିର ଜଣେ ପ୍ରଫେସର Anthony Rights ସାହେବ କହିଲେ,

''ଖଲିଫତୁଲ୍ ମସିହି ହେଉଛନ୍ତି ଜଣେ ଏପରି ବ୍ୟକ୍ତି ବିଶେଷ ଯିଏ ଏକଥା

ଭାବୁଛନ୍ତି ଯେ, କେଉଁ ଶୈଳୀରେ ଏବଂ କେଉଁ ପ୍ରକାରରେ କଥା କହିବା ଉଚିତ ଯାହା ମୌକା ମହଲ୍ ମୁତାବକ ଉପଯୁକ୍ତ ହେଉଥିବ । ତାଙ୍କର ଏକଥା ମତେ ବହୁତ ଭଲ ଲାଗିଲା । ଭାଷଣ ପ୍ରସ୍ତୁତ କରି ଯେ କୌଣସି ବ୍ୟକ୍ତି ମଧ ବକ୍ତବ୍ୟ ଦେଇପାରେ କିନ୍ତୁ ଜଣେ ବ୍ୟକ୍ତି ଯିଏ ଏତେମାତ୍ରାରେ ବ୍ୟାପକ ଜ୍ଞାନର ଅଧିକାରି ଏବଂ ବିଲ୍‌କୁଲ୍ ମୌକା ମହଲ୍ ମୁତାବକ କଥା ହୋଇଥାନ୍ତି ଏବଂ ଉପସ୍ଥିତ ଲୋକମାନଙ୍କ ବୁଦ୍ଧି ମୁତାବକ କଥା ହୋଇଥାନ୍ତି, ଏଭଳି ବ୍ୟକ୍ତି ବହୁତ କମ୍ ମିଳନ୍ତି ।

ଅର୍ଥାତ ଖଲିଫତୁଲ୍ ମସିହି ଯେଉଁଭଳି ଖୁତ୍‌ବା ଏବଂ ଭାଷଣ ଦେଉଛନ୍ତି ସେହିଭଳି ଭାଷଣ ହେବା ଉଚିତ । ଏବେ ଇଏ କଥା ଅତ୍ୟନ୍ତ ଜରୁରୀ ଜଣାପଡୁଛି ଯେ, ଆପଣଙ୍କ ମସ୍‌ଜିଦ୍ ନା କେବଳ ଏଠାରେ ହିଁ ନିର୍ମାଣ ହେବ ବରଂ ଅନ୍ୟ ସ୍ଥାନ ଗୁଡ଼ିକରେ ମଧ ନିର୍ମାଣ କରାଯିବ ।

SPD ପାର୍ଟିର ସଦସ୍ୟ Mathias Dopatka ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମତେ ଖଲିଫତୁଲ୍ ମସିହ୍‌ଙ୍କର ସେହି ଉପମା ବହୁତ ପସନ୍ଦ ଲାଗିଲା ଯାହାକୁ ସେ ତାଙ୍କ ଭାଷଣରେ ବ୍ୟବହାର କରିଥିଲେ । ଅର୍ଥାତ ଫୁଲ ଦୋକାନ ଓ ଫୁଲ ସହିତ ଉପମା ଦେଇଥିଲେ । ଯେଉଁଭଳି ଜଣେ ମଣିଷ ଫୁଲର ବାସ୍ନା ସୁଙ୍ଘି ଖୁସି ଅନୁଭବ କରିଥାଏ ସେହିଭଳି ଯମାତ୍ ଅହେମଦିୟା ଶାନ୍ତିର ଶିକ୍ଷାକୁ ପ୍ରଚାର ପ୍ରସାର କରି ଏକ ଅସରନ୍ତି ବାସ୍‌ନା ଓ ଆନନ୍ଦକୁ ପ୍ରସାରିତ କରିବାକୁ ଚାହୁଁଅଛି । ମତେ ଲାଗୁଛି ଯେ, ଏହି ଉପମା ବ୍ୟବହାର କରିବା ପୂର୍ବରୁ ତାଙ୍କ ଭାଷଣରେ ଚିନ୍ତା ବି କରିନଥିବେ କିନ୍ତୁ ଯେଉଁଭଳି ଖଲିଫତୁଲ୍ ମସିହି ନିଜର କଥାକୁ ଉପସ୍ଥାପନ କଲେ ତାହା ଅତି ସୁନ୍ଦର ଲାଗିଲା ।''

ମସ୍‌ଜିଦ୍ ଇଲାକାର ପୋଲିସ୍ ଇନ୍‌ଚାର୍ଜ Walter Franzen ସାହେବ କହିଲେ,

''ମତେ ଖଲିଫା ସାହେବଙ୍କର ଏକଥା ବହୁତ ଭଲ ଲାଗିଲା ଯେ, ସେ କେବଳ ଆମ ଅତିଥିମାନଙ୍କୁ ସମ୍ବୋଧନ କଲେ ନାହିଁ ବରଂ ଉପସ୍ଥିତ ସମସ୍ତ ଶ୍ରୋତାମାନଙ୍କୁ ଅର୍ଥାତ ଅହେମଦୀ ପୁରୁଷ ଓ ମହିଳାମାନଙ୍କୁ ମଧ ସମ୍ବୋଧନ କଲେ । ଖଲିଫତୁଲ୍ ମସିହି ଯେଉଁ ଉପଦେଶ ଦେଲେ ଯେ, ଆମ ସମସ୍ତଙ୍କର ଏ କର୍ତବ୍ୟ କି, ଆମେ ଶାନ୍ତି ସ୍ଥାପନ କରିବା ଏବଂ ଆପୋଷରେ ପ୍ରେମ ଓ ସ୍ନେହ ସହିତ ରହିବା ଏବଂ ପରସ୍ପର ମଧରେ ଉତମ ବ୍ୟବହାର କରିବା ଯଦ୍ୱାରା ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଖଲିଫା ପୁଣି କହିଲେ ଯେ, ଈଶ୍ୱର ସମସ୍ତଙ୍କୁ ପ୍ରେମ କରୁଛନ୍ତି ତେଣୁ ପ୍ରତ୍ୟେକ ବ୍ୟକ୍ତି ତା'ର ପ୍ରେମକୁ ପାଇପାରିବ ସେ ତାହାକୁ God କହୁ ବା ଅଲ୍ଲାଃ କହୁ ବା ରବ୍ କହୁ । ସେଥିଯୋଗୁଁ ଆମ ସମସ୍ତଙ୍କୁ ଆପୋଷରେ ପ୍ରେମ କରିବା ଉଚିତ । ପୁଣି ଖଲିଫାଙ୍କର ଏ କଥା ବହୁତ ଭଲ ଲାଗିଲା ଯେ, ପ୍ରତ୍ୟେକ ମଣିଷ ମୁନାଫିକତ୍ (କପଟାଚାରୀ ଆଚରଣ)ରୁ ବଂଚିବା ଉଚିତ । ଅର୍ଥାତ ମଣିଷ ଅବଶ୍ୟ ମସ୍‌ଜିଦ୍ ଯାଉ ଏବଂ ନିଜକୁ ସେ ଭଦ୍ର ବୋଲି କହିବୁଲୁ କିନ୍ତୁ ଯଦି ତା' ମନ ଭିତରେ ଇମାନ୍ ନଥିବ ତା'ହେଲେ ତା'ର କୌଣସି ଲାଭ ମିଳିବନାହିଁ । ଖଲିଫାଙ୍କର ଏହି ସମସ୍ତ କଥା ବହୁତ ପ୍ରଭାବଶାଳୀ ଥିଲା । ମୁଁ ଏଥିରେ ଗର୍ବ ଅନୁଭବ କରୁଛି ଯେ, ମତେ ଆଜି ଖଲିଫତୁଲ୍ ମସିହିଙ୍କୁ ଦର୍ଶନ କରିବାର ଅବସର ମିଳିଲା । ମୋ ମତରେ ଖଲିଫାଙ୍କର ସ୍ଥାନ ହେଉଛି ଏପରି ଯେପରି କ୍ୟାଥୋଲିକ୍ ଖ୍ରୀଷ୍ଟିୟାନ୍ ପୋପ୍‌ଙ୍କର ସ୍ଥାନ ।''

Mayor of Wurselen City Mr. Arno Keller ସାହେବ କହିଲେ, ''ଖଲିଫତୁଲ୍ ମସିହିଙ୍କ ଭାଷଣ ଆମକୁ ବହୁତ ପ୍ରଭାବିତ କରିଛି । ମତେ ତାଙ୍କର ଏକଥା ବହୁତ ଭଲ ଲାଗିଲା ଯେ, ମଣିଷ ଈଶ୍ୱରଙ୍କର ଉପାସନା କରିଥାଏ ତା'ର ଉପାସନା ସେତେବେଳେ ଯାଇ ଅସଲ ଲାଭ ଦେଇଥାଏ ଓ ଅସଲ ଉଦ୍ଦେଶ୍ୟକୁ ପହଂଚିଥାଏ ଯେତେବେଳେ ସେ, ଅନ୍ୟ ଲୋକମାନଙ୍କୁ ସାହାଯ୍ୟ କରିଥାଏ ଓ ଅନ୍ୟ ଲୋକମାନଙ୍କର ଅଧିକାରକୁ ପ୍ରଦାନ କରି ତା ପ୍ରତି ଧ୍ୟାନ ରଖିଥାଏ । ମୋ ନିକଟରେ ଏହା ହେଉଛି ତାଙ୍କର ଅସଲ ବାର୍ତା । ମୁଁ ଆପଣମାନଙ୍କୁ ସତ୍ୟ କହୁଅଛି ଯେ, ଯଦି ଏହି ପ୍ରକାରର ମନୋଭାବ ଏବଂ ଏହିଭଳି ଚରିତ୍ର ପ୍ରତ୍ୟେକ ବ୍ୟକ୍ତି ବୁଝିଯାଏ ତା'ହେଲେ ଆଜି ଏ ସଂସାର ପରିବର୍ତନ ହୋଇଯିବ ।''

ଆଚେନ୍ ସହରର ଇଂଟିଗ୍ରେସନ୍ ବିଭାଗର ପ୍ରତିନିଧି କହିଲେ, ''ମୁଁ ଖଲିଫତୁଲ୍ ମସିହିଙ୍କ ବାର୍ତାକୁ ସମ୍ପୁର୍ଣ୍ଣ ରୂପେ ସମର୍ଥନ କରୁଅଛି । ବିଶେଷ ରୂପେ ତାଙ୍କର ଏ କଥା ଯେ, ଆମ ସମସ୍ତଙ୍କୁ ଧୈର୍ଯ୍ୟ ସହିତ କାମ ନେବା ଉଚିତ ଏବଂ ଇଂଟିଗ୍ରେସନ୍ ପାଇଁ ଧୈର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ ପୁଣି ଫୁଲର ଯେଉଁ ଉପମା ଦେଇଛନ୍ତି ତାହା ବହୁତ ଭଲ ଲାଗିଲା ଏବଂ ତାଙ୍କର ଏହି କଥା ବହୁତ ଅହେମଦୀମାନଙ୍କ ବ୍ୟକ୍ତିତ୍ୱରେ ପୁରଣ ହେଉଅଛି । ତାରିକ୍ ସାହେବ ଯିଏ ଫୁଲ ଦୋକାନ ଦେଇଛନ୍ତି ସେ କେବଳ ଏକୁଟିଆ ନୁହନ୍ତି ବରଂ ଆଚେନ୍ ସହରରେ ଏହିଭଳି ଅନେକ ଯୁବକ ମିଳିବେ । ଉଦାହରଣ ସ୍ୱରୁପ ଏକ ଜାନୁୟାରୀ ଦିନ ଯେଉଁ ଅହେମଦିମାନେ ସହରକୁ ସଫା କରୁଛନ୍ତି ଏବଂ ବୃକ୍ଷରୋପଣ ଇତ୍ୟାଦି କରୁଛନ୍ତି ।''

ଜଣେ ଆର୍କିଟେକ୍ଟ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମୁଁ ଏହା ପୂର୍ବରୁ ଯମାତ୍ ସହିତ ପରିଚିତ ନଥିଲି । ହଜୁର ଅନଓ୍ୱର ଅ:ବ:ଅଙ୍କର ଭାଷଣ ମନ ଭିତରେ ଗଭୀର ପ୍ରଭାବ ପକାଇଛି ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ କହିବାର ଶୈଳୀ ଅତ୍ୟନ୍ତ ଧୀର, ନମ୍ର ଓ ବୋଧଗମ୍ୟ ଥିଲା । ମତେ ଏ କଥା ବହୁତ ଭଲ ଲାଗିଲା ଯେ, ମସ୍‌ଜିଦ୍ ଗୁଡ଼ିକରେ ଉପାସନା କରିବା କିଛି ଲାଭ ଦେବନାହିଁ ଯଦି ମନ ଭିତରେ ଜଣେ ଅନ୍ୟ ଜଣକ ପାଇଁ ଘୃଣା ଭାବ ରଖିଥିବ । ପୁଣି ହଜୁରଙ୍କର ଏକଥା ମତେ ବହୁତ ଭଲ ଲାଗିଲା ଯେ, ପ୍ରତ୍ୟେକ ପ୍ରକାରର ପଡ଼ୋଶୀମାନଙ୍କ ଅଧିକାର ପ୍ରତି ଧ୍ୟାନ ରଖିବା ଓ ସେମାନଙ୍କର ଅଧିକାରକୁ ପ୍ରଦାନ କରିବା ଉପାସନା ନିମନ୍ତେ ଜରୁରୀ ଅଟେ ।

ଜଣେ ପୋଲିସ୍ ଇନ୍‌ସପେକ୍ଟର ସାହେବ କହିଲେ, ''ଏହି ପ୍ରୋଗ୍ରାମଟି ବହୁତ ସୁନ୍ଦର ପ୍ରୋଗ୍ରାମ ଥିଲା ଯାହାକୁ ମୁଁ ସର୍ବଦା ମନେ ରଖିବି । ଆପଣଙ୍କ ଖଲିଫା ହେଉଛନ୍ତି ଜଣେ ବିଚକ୍ଷଣ ପ୍ରଭାବ ପକାଉଥିବା ବ୍ୟକ୍ତି ବିଶେଷ ।''

ଆଉ ଜଣେ ଅତିଥି Mr. Alex Droste ସାହେବ କହିଲେ, ''ହେ ପ୍ରୀୟ ଯମାତ୍ ଅହେମଦୀୟା ! ଆପଣମାନେ ଏକ ବହୁତ ପ୍ରୀୟ ଯମାତ୍ ଅଟନ୍ତି । ମତେ ଆପଣଙ୍କ ପ୍ରୋଗ୍ରାମରେ ସାମିଲ ହୋଇ ବହୁତ ଖୁସି ଅନୁଭବ ହେଲା । ମୁଁ ଏକଥା ଜାଣିବାକୁ ଚାହୁଁଥିଲି ଯେ ଆପଣମାନେ କିଏ ? ଆପଣମାନଙ୍କର ଅତିଥି ସତ୍କାର ବହୁତ ଉଚ୍ଚ କୋଟୀର ଥିଲା । ଶେଷରେ ମତେ ଅବସର ମିଳିଗଲା ଯେ, ମୁଁ ଖଲିଫତୁଲ୍ ମସିହିଙ୍କ ସହିତ ହାତ ମିଳାଇଲି । ଏକଥା ମୋ ପାଇଁ ବହୁତ ଗର୍ବର ବିଷୟ ଥିଲା । ସେତେବେଳେ ମୋ ଗୋଡ଼ ଗୁଡ଼ିକ କମ୍ପି ଉଠୁଥିଲା ମୋର ଏ ଆଶା ଅଛି ଯେ, ଆମେ ଭଲ ପଡ଼ୋଶୀ ହେବା । ଈଶ୍ୱର ଏବଂ ତାହାଙ୍କ କୃପା ଆପଣଙ୍କ ସହିତ ରହୁ ।''

ଦୁଇଜଣ ପୋଲିସ୍ ନିଜ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ହଜୁରଙ୍କର ଭାଷଣ ବହୁତ ଭଲ ଥିଲା କଥାଗୁଡ଼ିକ ବିଲ୍‌କୁଲ୍ ମନ ଭିତରେ ପଶି ଯାଉଥିଲା । ଯଦି ଏହି ସବୁ କଥା ଗୁଡ଼ିକ ଉପରେ ପରିଚାଳିତ ହୁଏ ତେବେ ଏ ଦୁନିଆରେ ଶାନ୍ତି ସ୍ଥାପନ ହୋଇଯିବ । କିନ୍ତୁ ଏଥିସକାଶେ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ହେବ, ଆମ ସମସ୍ତଙ୍କ ସେହି କଥା ଉପରେ ପରିଚାଳିତ ହେବାକୁ ପଡ଼ିବ ।

ଜଣେ ରିଅଲ୍‌ଷ୍ଟେଟ୍ ଏଜେଂଟ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଖଲିଫତୁଲ୍ ମସିହି ଯାହା କିଛି କହିଲେ, ତାହା ସମ୍ପୁର୍ଣ୍ଣ ରୂପେ ମୋ ମନର କଥା ଥିଲା । ୟୁରୋପୀୟନ୍ ପାର୍ଲାମେଂଟରେ ଖଲିଫା ଯେଉଁ ଭାଷଣ ଦେଇଥିଲେ ମୁଁ ତାହା ମଧ ଶୁଣିଛି ଓ ଆଜିକାର ଭାଷଣ ମଧ ଶୁଣିଛି । ମୁଁ ଏକଥା ମଧ ଦେଖୁଛି ଯେ, ଆପଣଙ୍କ ଯମାତ୍‌ରେ ଖଲିଫାଙ୍କର କଥା ଗୁଡ଼ିକ ଉପରେ ଲୋକମାନେ ପରିଚାଳିତ ହେଉଛନ୍ତି । ଯଦି ଖଲିଫାଙ୍କ କଥାଗୁଡ଼ିକୁ ସାରା ଦୁନିଆରେ ପ୍ରସାର କରିଦିଆଯାଏ ଓ ସମସ୍ତେ ତା ଉପରେ ପରିଚାଳିତ ହେବାକୁ ଲାଗିଯାଆନ୍ତି ତାହେଲେ ଏ ସଂସାରରେ ଶାନ୍ତି ସ୍ଥାପନ ହୋଇଯିବ ।

ଅତଏବ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଶୈଳୀରେ ନିଜର ମନୋଭାବକୁ ବ୍ୟକ୍ତ କଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣରେ ପ୍ରଭାବିତ ହୋଇ ଏଠାରୁ ବିଦାୟ ନେଲେ ।

''ମସ୍‌ଜିଦ୍ ମନ୍‌ସୁର୍ ଆଖନ୍ ର ଏହି ଉଦ୍‌ଘାଟନୀ ଉତ୍ସବ ପରେ ଏଠାରୁ ଫ୍ରାଙ୍କଫର୍ଟ ନିମନ୍ତେ ଯାତ୍ରା କରିବାର ଥିଲା ।

୯:୧୫ ମିନିଟରେ ଏଠାରୁ ଫ୍ରାଙ୍କଫର୍ଟ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଆଖନ୍‌ଠାରୁ ଫ୍ରାଙ୍କଫର୍ଟର ଦୁରତା ହେଉଛି ୨୬୧ କିଲୋମିଟର । ପ୍ରାୟ ୨ଘଂଟା ୧୫ ମିନିଟ ଯାତ୍ରା କରିବା ପରେ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୧୧:୩୦ ମିନିଟରେ ଜର୍ମାନୀ ଯମାତ୍‌ର ମର୍କଜ ''ବଇତୁସ୍ ସବୁହୁ'' ଫ୍ରାଙ୍କଫର୍ଟ ଠାରେ ପଦାର୍ପଣ କଲେ ।

ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିବା ମାତ୍ରେ ଫ୍ରାଙ୍କଫର୍ଟ ଓ ଜର୍ମାନୀର ବିଭିନ୍ନ ସହରରେ ଥିବା ଯମାତ୍‌ଗୁଡ଼ିକରୁ ଆସିଥିବା ପୁରୁଷ ମହିଳା ଏବଂ ଛୋଟ ଛୋଟ ପିଲାମାନେ ନିଜ ପ୍ରୀୟ ଆକାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇ ସ୍ୱାଗତ କଲେ । କୁନୀ କୁନୀ ପୁଅ ଓ ଝିଅ ପିଲାମାନେ ଗୋଟିଏ ପ୍ରକାରର ଡ୍ରେସ୍ ପରିଧାନ କରିଥିଲେ । ଗୋଟିଏ ପ୍ରକାର ଡ୍ରେସ ପିନ୍ଧି ଦଳଗତ ଭାବରେ ପ୍ରାର୍ଥନା ମୂଳକ ନଜମ୍ ଏବଂ ସ୍ୱାଗତ ମୁଳକ ଗୀତ ସମାବତ କଣ୍ଠରେ ପଢ଼ି ଶୁଣାଉଥିଲେ । ବହୁତ ଆସ୍ଥା ଓ ପ୍ରେମର ସହିତ ଚାରିଆଡ଼େ ଲୋକମାନଙ୍କର ହାତ ଉପରକୁ ଉଠି ରହିଥିଲା ଏବଂ ଅହ୍‌ଲଉଁ ଓ୍ୱ ସହଲଉଁ ଓ୍ୱ ମରହବାର ଧ୍ୱନୀ ଗୁଞ୍ଜରଣ ହେଉଥିଲା ଏବଂ ପୁରୁଷମାନେ ବହୁତ ଉତ୍ସାହିତ ହୋଇ ସ୍ଲୋଗାନ୍ ଲଗାଉଥିଲେ ।

ମୋକରମ୍ ଇଦ୍‌ରିସ୍ ଅହେମଦ୍ ସାହେବ ଲୋକାଲ୍ ଅମୀର ଫ୍ରାଙ୍କଫର୍ଟ ଏବଂ ମୋକରମ୍ ମୁହମ୍ମଦ ଅସ୍‌ରଫ୍ ଜିଆ ସାହେବ ମୁବଲିଗ୍ ସିଲ୍‌ସିଲା ଫ୍ରାଙ୍କଫର୍ଟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ଆସିଥିବା ଏହି ଅହେମଦୀ ମାନେ WIESBADEN, GROSS GERAU, HANAU, FLORSHEIM, BADHOMBURG, DIETZENBACH, OFFENBACH, ESCHBORN, MORFELDEN ଫ୍ରାଙ୍କଫର୍ଟ ସହରର ବିଭିନ୍ନ ହଲ୍‌କା ବ୍ୟତୀତ ଉପରୋକ୍ତ ଯମାତ୍ ଗୁଡ଼ିକରୁ ମଧ ଆସିଥିଲେ । ନିଜ ପ୍ରୀୟ ମୁନୀବଙ୍କୁ ସ୍ୱାଗତ ଜଣାଇବା ପାଇଁ ଏହି ଲୋକମାନେ ବହୁତ ଦୂର ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କ ଅସ୍‌ସଲାମୋ ଆଲୈକୁମ୍ କହିଲେ ଏବଂ ଦୁଇ ଧାଡ଼ିରେ ଛିଡ଼ା ହୋଇଥିବା ଅହେମଦିମାନଙ୍କ ମଝି ରାସ୍ତା ଦେଇ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଠିକ୍ ୧୧:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ପଦାର୍ପଣ କରି ମଗ୍‌ରିବ୍ ଏବ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କରିବାପାଇଁ ଜର୍ମାନୀର ବିଭିନ୍ନ ଯମାତ୍‌ରୁ ଯେଉଁ ଅହେମଦି ଭାଇଭଉଣୀମାନେ ଏଠାରେ ଆସି ପହଂଚିଥିଲେ ସେମାନଙ୍କର ସଂଖ୍ୟା ୧ହଜାର ୩ଶହ ଥିଲା । ଏମାନେ ସମସ୍ତେ ପ୍ରୀୟ ହଜୁରଙ୍କ ନେତୃତ୍ୱରେ ମଗ୍‌ରିବ୍ ଏବଂ ଇସା ନମାଜ ପଢ଼ିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏମାନଙ୍କ ମଧ୍ୟରେ କିଛି ଲୋକ

ଏପରି ମଧ୍ୟ ଥିଲେ ଯେଉଁମାନେ ବିଗତ କିଛି ମାସ ହେବ ପାକିସ୍ତାନରୁ କୌଣସି ନା କୌଣସି ମାଧ୍ୟମରେ ଏଠାରେ ଆସି ପହଂଚିଥିଲେ । ତାଙ୍କ ଜୀବନରେ ସେ ପ୍ରଥମ ଥର ପାଇଁ ହଜୁର ଅନଓ୍ୱର ଅ:ବ:ଅଙ୍କ ପଛରେ ନମାଜ ପଢ଼ିବାର ସୌଭାଗ୍ୟ ପାଇଥିଲେ । ଏମାନେ ସମସ୍ତେ ନିଜ ନିଜର ଏହି ସୌଭାଗ୍ୟ ଯୋଗୁଁ ବହୁତ ଆନନ୍ଦିତ ଥିଲେ ଏବଂ ସଜ୍‌ଦାତେ ଶୁକର୍ (ଧନ୍ୟବାଦ ଅର୍ପଣ କରିବା ନିମନ୍ତେ ସଜ୍‌ଦାଃ କରିବା) କରୁଥିଲେ ଏବଂ ଏହି ପବିତ୍ର ମୁହୂର୍ତ୍ତରୁ ଲାଭ ଉଠାଉଥିଲେ । ସେମାନଙ୍କର ବର୍ଷ ବର୍ଷର ତୃଷ୍ଣା ନିଜ ପ୍ରୀୟ ଆକାଙ୍କୁ ଦର୍ଶନ କରିବା ଦ୍ୱାରା ମେଂଟୁଥିଲା ଏବଂ ଏହି କ୍ଷଣ ତାଙ୍କ ଜୀବନରେ ପ୍ରଥମ ଥର ପାଇଁ ଆସିଥିଲା । ଅଲ୍ଲାଃ ତାଲା ଏହି ସମସ୍ତ ସୌଭାଗ୍ୟ ଏବଂ ବର୍‌କତ୍ ଆମ ସମସ୍ତଙ୍କ ପାଇଁ ମୁବାରକ୍ କରନ୍ତୁ । ଆମିନ୍ ।

**୨୪ ମଇ ରବିବାର ୨୦୧୫**

ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟୁଷ ୪:୩୦ରେ ମସ୍‌ଜିଦ୍ ବଇତୁଲ୍ ନୂରଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ପ୍ରୋଗ୍ରାମ ମୁତାବକ ଠିକ୍ ୧୧:୩୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତର୍‌ରେ ପହଂଚିଲେ ଏବଂ ମୁକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ୍ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ମାଲ୍ ଲଣ୍ଡନକୁ ଡ଼କାଇ ପଠାଇଲେ ଓ ତାଙ୍କୁ କିଛି କାର୍ଯ୍ୟାଳୟ ସମ୍ବନ୍ଧିତ ମାମଲାରେ ହିଦାୟତ୍ ଦେଲେ ।

ତା'ପରେ ଫ୍ୟାମିଲି ଏବଂ ବ୍ୟକ୍ତିଗତ ସାକ୍ଷାତକାରର ପ୍ରୋଗ୍ରାମ ଆରମ୍ଭ ହେଲା ।

**ପାରିବାରିକ ଓ ବ୍ୟକ୍ତିଗତ ସାକ୍ଷାତକାର**

ଆଜି ସକାଳର ଏହି ଶେସନ୍‌ରେ ୩୫ଟି ପରିବାରର ୧୩୭ ଜଣ ସଦସ୍ୟ ଏବଂ ୪୮ ଜଣ ବ୍ୟକ୍ତିଗତ ଭାବରେ ପ୍ରୀୟ ହଜୁରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ଏମାନେ ସମସ୍ତେ ପ୍ରୀୟ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ ।

ସାକ୍ଷାତକାର କରିଥିବା ଏହି ପରିବାରର ସଦସ୍ୟମାନେ ଜର୍ମାନୀର ନିମ୍ନଲିଖିତ ଜମାତ୍‌ଗୁଡ଼ିକରୁ ଆସିଥିଲେ । HOFHEIN, EPPELHEIM, TRIER, REUTLINGEN, MANHAIEN, BURCHAL, HEUSENSTAMM, STUTTGART, LANGEN, WISBADEN, DRESDEN, AALEN, NIDDA, FULDA, HAIDELBERG, WALL DORF, KARLSRUHE, USINGEN, FRIEDBERT,

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ଼୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।

* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।

* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।

* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।

* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।

* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।

* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।

* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2020-2022 Vol.6 Thursday 26 Aug 2021 Issue No. 34**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ମଇ ଜୁନ୍ ୨୦୧୫)

*ହଜୁର ଅନୱର ଅ:ବ:ଅଙ୍କ ତାଜା ୟୁରୋପ ଗସ୍ତ (ସେପ୍ଟେମ୍ବର ଅକ୍ଟୋବର ୨୦୧୯)ର ରିପୋର୍ଟ ଗତ ସଂଖ୍ୟାରେ ଶେଷ ହୋଇଯାଇଛି । ଅଲ୍‌ହମ୍‌ଦୁଲିଲ୍ଲାଃ ଏବେ ଏହି ସଂଖ୍ୟାରୁ ୨୦୧୫ ମସିହାର ରିପୋର୍ଟ ପ୍ରକାଶିତ ହେବ । ଯେପର୍ଯ୍ୟନ୍ତ ହଜୁର ଅନୱର ଅ:ବ:ଅଙ୍କ ଗସ୍ତର କୌଣସି ତାଜା ରିପୋର୍ଟ ହସ୍ତଗତ ନ ହୋଇଛି ସେ ପର୍ଯ୍ୟନ୍ତ ବିଗତ ରିପୋର୍ଟ ଗୁଡ଼ିକ ଯାହା ପ୍ରକାଶିତ ହୋଇପାରିନାହିଁ ତାହା ଏଥିରେ ସାମିଲ କରାଯିବ । ତାଜା ରିପୋର୍ଟ ହସ୍ତଗତ ହେବାରେ ପୂର୍ବ ରିପୋର୍ଟଗୁଡ଼ିକୁ ରୋକି ଦିଆଯାଇ ତାଜା ରିପୋର୍ଟ ପ୍ରକାଶ କରାଯିବ । (କାର୍ଯ୍ୟାଳୟ)*

### ୨୩ ମଇ ୨୦୧୫ (ଶନିବାର)
### ରିପୋର୍ଟର ବଳକାଅଂଶ
### ହଜୁର ଅନୱର ଅ:ବ:ଅଙ୍କ ମସ୍‌ଜିଦ୍ ମନ୍‌ସୁର୍‌ଠାରେ ଦିଆଯାଇଥିବା ଅଭିଭାଷଣର ଅବଶିଷ୍ଟାଂଶ

ହଜୁର ଅନୱର ଅ:ବ:ଅ କହିଲେ:- ମେୟର ସାହେବ ଏହା ମଧ୍ୟ କହିଲେ ଯେ, ମିଳିମିଶି ରହିବା ଉଚିତ । ଗୋଟିଏ ଭଲ ସୋଶାଇଟ୍‌ର ଏହା ହେଉଛି ଲକ୍ଷଣ । ଏହା ନିଶ୍ଚିତ ରୂପେ ବହୁତ ଭଲ କଥା । ଆମକୁ ସେହିଭଳି ମିଳିମିଶି ରହିବା ଆବଶ୍ୟକ କାରଣ ଏହା ଦ୍ୱାରା ଆମେ ଧର୍ମର ବାସ୍ତବତାକୁ ପାଇପାରିବା ଏବଂ ଆମେ ମାନବିକ ମୂଲ୍ୟବୋଧର ଧ୍ୟାନ ରଖିପାରିବା । ଅତ,ବ ମାନବିକ ମୂଲ୍ୟବୋଧକୁ କାଏମ୍ ରଖିବା ହେଉଛି ସବୁଠାରୁ ଅଧିକା ଜରୁରୀ । ମେୟର ସାହେବ ବହୁତ ବଡ଼ ସୁନ୍ଦର ଉପଦେଶ ଦେଇଛନ୍ତି ଯେ, ମୋର ଏ ଆଶା କି ଯମାତ୍ ଅହେମଦିୟା ଇଂଟିଗ୍ରେସନ୍ ପାଇଁ ସବୁଠାରୁ ଅଧିକା ଚେଷ୍ଟା କରିବ । ଆପୋଷରେ ମିଳିମିଶି ରହିବା ପାଇଁ ସବୁଠାରୁ ଅଧିକା ଚେଷ୍ଟା କରିବ ।

ହଜୁର ଅନୱର ଅ:ବ:ଅ କହିଲେ:- ଏବଂ ନିଶ୍ଚିତ ରୂପେ ମୋର ଏ ଆଶା ରହିଛି ଯେ, ଯେଉଁଭଳି ପୂର୍ବରୁ ଏଠାରେ ଏଥିପ୍ରତି ଚେଷ୍ଟା ହେଉଥିଲା । ତା'ଠାରୁ ଅଧିକା ଚେଷ୍ଟା କରାଯିବ । ଏବଂ ଆମେ ଇନ୍‌ଶାଅଲ୍ଲାଃ ସେହି ସମସ୍ତ ଅଧିକାରଗୁଡ଼ିକୁ ପ୍ରଦାନ କରିବା ପ୍ରତି ଚେଷ୍ଟା କରିବା ଯାହା ଗୋଟିଏ ଦେଶରେ ଜଣେ ଉତମ ନାଗରୀକକୁ ପ୍ରଦାନ କରିବା ଉଚିତ ।

ହଜୁର ଅନୱର ଅ:ବ:ଅ କହିଲେ:- ସେହିଭଳି ଇଂଟିଗ୍ରେସନ୍ ମିନିଷ୍ଟରଙ୍କ ପ୍ରତିନିଧି ଏଠାରେ ଆସି ନିଜ ମନ୍ତ୍ରାଳୟ ତରଫରୁ ନିଜର ମନୋଭାବ ଉପସ୍ଥାପନ କଲେ । ସେ ମହାଶୟ ମଧ୍ୟ ଏହା କହିଲେ ଯେ, ଆମ ଜର୍ମାନୀରେ ଜର୍ମାନୀୟମାନେ ବିଶାଳ ହୃଦୟ ରଖିଛନ୍ତି ଓ ତା'ଠାରୁ ବଡ଼ ହେଉଛି ଇଂଟିଗ୍ରେସନ୍ । ଏହା ସମ୍ପୁର୍ଣ୍ଣ ଠିକ୍ କଥା ଯେ, ଜର୍ମାନୀ ଜାତିରେ ଅଲ୍ଲାଃ ତାଲାଙ୍କ କୃପାରୁ ବଡ ଉଦାର ଭାବ ରହିଛି । ସେମାନେ ଏଠାରେ ବହୁତ ଗୁଡ଼ିଏ ଜାତିର ଲୋକମାନଙ୍କୁ ନିଜ ମଧ୍ୟରେ ଧରି ରଖିଛନ୍ତି ଏବଂ ଏହି ଉଦାରଭାବ ଯେ ପର୍ଯ୍ୟନ୍ତ କାଏମ୍ ରହିବ ସେ ପର୍ଯ୍ୟନ୍ତ ଏ ଦୁନିଆରେ ଆପଣମାନଙ୍କର ଏହି ଉଚ୍ଚ ସ୍ତରର କାର୍ଯ୍ୟର ପ୍ରଚାର ହେଉଥିବ କିନ୍ତୁ ଏହି ଉଦାରଭାବର ପ୍ରକାଶ ପାଇଁ ଏଠାକୁ ଆସିଥିବା ଅନ୍ୟ ଜାତିର ଲୋକମାନଙ୍କର ମଧ୍ୟ ଏ କର୍ତବ୍ୟ ଯେ, ସେମାନେ ମଧ୍ୟ ଏହିଭଳି ଉଦାରତା ଦେଖାନ୍ତୁ । ମୁଁ ଏକଥା କହୁନାହିଁ ଯେ, ଆମେ ଏଠାକୁ ଆସି ମନ ଇଚ୍ଛା କାମ କରିବା । ବାହାରୁ ଆସିଥିବା ଏସିୟାଇ ଲୋକମାନେ, ଯେଉଁମାନେ ବାହାରୁ ଆସିଛନ୍ତି କିନ୍ତୁ ଏବେ ଜର୍ମାନୀ ଜାତିର ଅଂଶବିଶେଷ ହୋଇସାରିଛନ୍ତି । ଏଠାରେ ଜନ୍ମ ହୋଇଥିବା ପିଲାମାନେ, ସେମାନେ ଭାରତରୁ ଆସିଥାନ୍ତୁ ବା ପାକିସ୍ତାନରୁ ବା ଅନ୍ୟ ଯେ କୌଣସି ଦେଶରୁ ଆସିଥାନ୍ତୁ ଯେହେତୁ ସେମାନେ ଏଠାରେ ଜନ୍ମ ହୋଇଛନ୍ତି, ଏଠିକାର ଭାଷା କହୁଛନ୍ତି ତେଣୁ ସେମାନେ ଏଠିକାର ଅଂଶ ବିଶେଷ ହୋଇସାରିଛନ୍ତି । ଯଦି ସେମାନେ ମଧ୍ୟ କେବଳ ଭାଷା ମଧ୍ୟରେ ନୁହେଁ ବରଂ ନିଜକୁ ଇଂଟିଗ୍ରେଟ୍ କରିବା ଦୃଷ୍ଟିକୋଣରୁ ମଧ୍ୟ ଯେ ପର୍ଯ୍ୟନ୍ତ ଉଦାର ଭାବ ନ ଦେଖାଇଛନ୍ତି ସେ ପର୍ଯ୍ୟନ୍ତ ସେମାନେ ଏ ଅଭିଯୋଗ କରିପାରିବେ ନାହିଁ ଯେ, ଜର୍ମାନୀର ଲୋକମାନେ ଆମକୁ ନିଜ ମଧ୍ୟରେ ଧରି ରଖିଲେ ନାହିଁ ବୋଲି । ଅତଏବ ଯେପରି କି ମୁଁ କହିଲି ଯେଉଁଠି ଯମାତ୍ ଅହେମଦିୟାର ସମ୍ବନ୍ଧ ଆମେ ଇନ୍‌ଶାଅଲ୍ଲାଃ ସେହି ଉଦାରତାର ଉତରରେ ତା'ଠାରୁ ବଳି ଅଧିକା ଉଦାରଭାବ ଦେଖାଇବୁ ଏବଂ ସର୍ବଦା ଏହା ପ୍ରମାଣ କରି ଦେଖାଇବୁ ଯେ, ଏଠାରେ ବସବାସ କରୁଥିବା ପ୍ରତ୍ୟେକ ଅହେମଦୀ ହେଉଛି ଏ ଦେଶର ଭକ୍ତ ଏବଂ ଏ ଜାତି ଓ ଦେଶର ଉନ୍ନତି ପାଇଁ ସେ ଚେଷ୍ଟା କରିଥାଏ ।

ହଜୁର ଅନୱର ଅ:ବ:ଅ କହିଲେ:- ପ୍ରାଦେଶିକ ଆସେମ୍ବିଲ୍‌ର ସଭ୍ୟ ମଧ୍ୟ ଆସିଛନ୍ତି, ସେ ମହାଶୟ ଫୁଲ ଦୋକାନ ବିଷୟ ଚର୍ଚ୍ଚା କରି କହିଲେ ଯେ, ଯେଉଁ ଦୋକାନଟି ଆମ ଅହେମଦୀ ଭାଇଙ୍କର ସେ ଫୁଲ ତ' ଦେଉଛନ୍ତି, ସେ ମହାଶୟ ଏକ ଉଦାହରଣ ପାଇଁ ଏଠିକାର ଲୋକମାନଙ୍କ ମଧ୍ୟରେ ସେହି ଫୁଲଗୁଡ଼ିକୁ ପେଶ୍ କରିବାପାଇଁ ଚେଷ୍ଟା କରିଛନ୍ତି । ଏ କଥା ବତାଇବା ପାଇଁ ଯେ, ଆମ ତରଫରୁ କୌଣସି ଚରମପନ୍ଥୀ ଆବେଗର ପ୍ରକାଶ ହେବ ନାହିଁ । ଆମ ତରଫରୁ ପଥର ପଡ଼ିବ ନାହିଁ, ଆମ ତରଫରୁ ତରବାରୀ ଉତୋଳନ ହେବ ନାହିଁ । ବରଂ ଆମେ ଫୁଲ ପେଶ୍ କରୁଥିବା ଲୋକେ ଏବଂ ଆମେ ସର୍ବଦା ଏହି ଫୁଲଗୁଡ଼ିକୁ ଦେଇ ଚାଲିବୁ । କିନ୍ତୁ ଯେଉଁ ଫୁଲଗୁଡ଼ିକୁ ଦିଆଯାଉଅଛି, ଯେଉଁ ଫୁଲଗୁଡ଼ିକୁ ଆପଣଙ୍କ ସମ୍ମୁଖରେ ରଖାଯାଉଅଛି ଏବଂ ଯେଉଁ ଫୁଲଗୁଡ଼ିକୁ ଲୋକମାନେ ପସନ୍ଦ କରୁଛନ୍ତି ଏବଂ ଟଙ୍କା ଖର୍ଚ୍ଚ କରି କିଣୁଛନ୍ତି, ଏହି ଫୁଲଗୁଡ଼ିକ ତ' ନିଜର ସୁନ୍ଦରତାକୁ ଅସ୍ଥାୟୀ ଭାବରେ କାଏମ୍ ରଖି ପାରୁଛନ୍ତି ଓ ସେମାନଙ୍କର ଯେଉଁ ସୁଗନ୍ଧ ଅଛି ତାହା ମଧ୍ୟ ଅସ୍ଥାୟୀ କିନ୍ତୁ ସବୁଠାରୁ ଭଲ ଫୁଲ ଯାହାକୁ ଅହେମଦିୟା ଯମାତ୍ ପେଶ୍ କରୁଅଛି । ତାହା ହେଉଛି ଏପରି ଉଚ୍ଚ ଚରିତ୍ର / ନୈତିକ ଯାହାକୁ ଏ ଜାତି ସର୍ବଦା ମନେ ରଖିଥାଏ ଏବଂ ଦୁନିଆରେ ପ୍ରତ୍ୟେକ ସ୍ଥାନରେ ଯମାତ୍ ଅହେମଦୀୟାର ଉଚ୍ଚ ଚରିତ୍ରକୁ ପ୍ରଶଂସା କରାଯାଉଅଛି ଏବଂ ଏହା ହେଉଛି ସେହି ପ୍ରକୃତ ଫୁଲ ଯାହାକୁ ଯମାତ୍ ଅହେମଦୀୟା ପେଶ୍ କରିଥାଏ ।

ହଜୁର ଅନୱର ଅ:ବ:ଅ କହିଲେ:- ପୁଣି ଏଠାରେ ଗୋଟିଏ ବାର୍ତା ପଢ଼ି ଶୁଣାଦିଆଗଲା ଯେ, ପଡ଼ୋଶୀମାନଙ୍କର ହକ୍‌କୁ ପ୍ରଦାନ କରାଯାଏ । ଯେଉଁଠି ପଡ଼ୋଶୀମାନଙ୍କ ଅଧିକାରର କଥା ଉଠୁଛି ସେଠାରେ ଇସ୍‌ଲାମ୍ ପଡ଼ୋଶୀମାନଙ୍କ ଅଧିକାର ପ୍ରଦାନ କରିବା ପ୍ରତି ଏତେମାତ୍ରାରେ ଆଦେଶ ଦେଇଛି ଯେ, ପବିତ୍ର କୁର୍‌ଆନ୍‌ରେ ମଧ୍ୟ ବାରମ୍ବାର ପଡ଼ୋଶୀମାନଙ୍କ ଅଧିକାର ପ୍ରତି ଧ୍ୟାନ ଆକର୍ଷଣ କରାଯାଇଅଛି । ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ପଡ଼ୋଶୀମାନଙ୍କ ଅଧିକାର ପ୍ରତି ଏତେମାତ୍ରାରେ ଧ୍ୟାନ ଆକର୍ଷଣ କରାଇଅଛନ୍ତି ଯେ, କିଛି ସାହାବା ବର୍ଣ୍ଣନା କରିଛନ୍ତି ଯେ, ଆମେ ଏକଥା ଭାବିଲୁ ଯେ, ବୋଧ ହୁଏ ପଡ଼ୋଶୀମାନେ ମଧ୍ୟ ଆମ ଧନ ସମ୍ପତିର ଉତରାଧିକାରୀ ହୋଇଯିବେ । ଯେଉଁ ଭଳି ଆମର ପ୍ରକୃତ ଉତରାଧିକାରୀମାନେ ଧନ ସମ୍ପତିରୁ ଭାଗ ପାଇଥାନ୍ତେ । ଇସ୍‌ଲାମ୍ ପଡ଼ୋଶୀମାନଙ୍କ ଅଧିକାର ପ୍ରଦାନ କରିବା ପ୍ରତି ଏତେ ମାତ୍ରାରେ ଧ୍ୟାନ ରଖିଅଛି । ପୁଣି ପଡ଼ୋଶୀ କେବଳ ସେ ନୁହେଁ ଯାହାର କାନ୍ଥ ତୁମ ନିଜ ଘର ସହିତ ଯୋଡ଼ି ହୋଇରହିଥାଏ ବା ଗୋଟିଏ ବିଲ୍‌ଡ଼ିଂଙ୍ଗରେ କିଛି ଫ୍ଲାଟରେ ରହୁଥିବା ପଡ଼ୋଶୀ ବରଂ ଆପଣଙ୍କ ସହିତ ଯାତ୍ରା କରୁଥିବା ବ୍ୟକ୍ତି ମଧ୍ୟ ଆପଣଙ୍କର ପଡ଼ୋଶୀ ଅଟନ୍ତି, ଆପଣଙ୍କ ସହରରେ ରହୁଥିବା ଲୋକଟି ମଧ୍ୟ ଆପଣଙ୍କର ପଡ଼ୋଶୀ ଅଟେ ଏବଂ ଆପଣଙ୍କ କାର୍ଯ୍ୟାଳୟରେ କାମ କରୁଥିବା ଲୋକ ମଧ୍ୟ ଆପଣଙ୍କର ପଡ଼ୋଶୀ ଅଟନ୍ତି । ତେଣୁ ଏହି ସମସ୍ତଙ୍କର ଅଧିକାରକୁ ପ୍ରଦାନ କରିବା ହେଉଛି ଜଣେ ଅହେମଦୀର କର୍ତବ୍ୟ ଓ ଜଣେ ପ୍ରକୃତ ମୁସଲମାନର କର୍ତବ୍ୟ ।

ତେଣୁ ପଡ଼ୋଶୀମାନଙ୍କର ଯେଉଁ ଅଧିକାର ରହିଛି ଯାହାକୁ ଇସ୍‌ଲାମ୍ ପ୍ରତିଷ୍ଠା କରିଛି । ତାହା ସବୁ ହେଉଛି ଏହି ଅଧିକାର ଯାହାକୁ ପ୍ରଦାନ କରିବା ଆମ ଅହେମଦୀ ମୁସଲମାନମାନଙ୍କ ଉପରେ ଅତ୍ୟନ୍ତ ଜରୁରୀ ଓ ଜଣେ ପ୍ରକୃତ ମୁସଲମାନ ପାଇଁ ମଧ୍ୟ ଜରୁରୀ ଅଟେ । ଅହେମଦୀମାନଙ୍କୁ ସର୍ବଦା ମନେ ରଖିବା ଉଚିତ ଯେ, ଆପଣମାନେ ଏହି କର୍ତବ୍ୟ ପ୍ରତି ଧ୍ୟାନ ଦେଉଥିବେ । ମୁଁ ଏମାନଙ୍କୁ ଏକଥା କହୁଛି ଯେ, ପୂର୍ବଠାରୁ ଅଧିକ ନିଜର ଏହି କର୍ତବ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପୂର୍ବଠାରୁ ଅଧିକ ନିଜର ଉପାସନା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ । ପୂର୍ବଠାରୁ ଅଧିକ ନିଜର ଉତମ ଚରିତ୍ର ଓ ନୈତିକ ଗୁଣକୁ ନିଜ ପଡ଼ୋଶୀମାନଙ୍କ ପାଇଁ ପ୍ରଦର୍ଶନ କରନ୍ତୁ ଓ ନିଜ ସହରର ଲୋକମାନଙ୍କୁ ମଧ୍ୟ ଦେଖାନ୍ତୁ । ବରଂ ଏହି ଦେଶର ଲୋକମାନଙ୍କୁ ମଧ୍ୟ ଦେଖାନ୍ତୁ ଯଦ୍ୱାରା କୌଣସି ଲୋକ ଏ ଅଭିଯୋଗ କରିପାରିବ ନାହିଁ ଯେ, ଇସ୍‌ଲାମ୍‌ର ଶିକ୍ଷା ହେଉଛି ଏପରି ଶିକ୍ଷା ଯେଉଁଥିରେ ଚରମପନ୍ଥୀର ଶିକ୍ଷା ରହିଛି । ବରଂ ଏହି ଲୋକମାନେ ଏ କଥା କହିବା ପାଇଁ ବାଧ୍ୟ ହେବେ ଯେ, ଇସ୍‌ଲାମ୍‌ର ଶିକ୍ଷା ହେଉଛି ଅତି ଉତମ ଶିକ୍ଷା । କିନ୍ତୁ କିଛି ମୁସଲମାନମାନେ ଏପରି ଶିକ୍ଷାକୁ ବିଗାଡ଼ି ଦେଇଛନ୍ତି । କିନ୍ତୁ ସେହି ଶିକ୍ଷାର ବାସ୍ତବ ରୂପ ଆମ ଅହେମଦୀ ମୁସଲମାନମାନଙ୍କ ମାଧ୍ୟମରେ ଦେଖିପାରିବେ । ତେଣୁ ମୋର ଏ ଉପଦେଶ ଯେ, ପ୍ରତ୍ୟେକ ଅହେମଦୀ ପୂର୍ବଠାରୁ ଅଧିକା ସେହି ସୁନ୍ଦର ଶିକ୍ଷାକୁ ପରିପ୍ରକାଶ କରନ୍ତୁ ।

ହଜୁର ଅନୱର ଅ:ବ:ଅ କହିଲେ:- ମୁଁ ଅହେମଦୀମାନଙ୍କୁ ଏକଥା କହୁଅଛି ଯେ, ଆପଣମାନେ ଇସ୍‌ଲାମ୍‌ର ଏହି ସୁନ୍ଦର ଶିକ୍ଷାର ପୂର୍ବଠାରୁ ଅଧିକା ଦୂତ ହୁଅନ୍ତୁ, ପୂର୍ବଠାରୁ ଅଧିକା ଏହାର ହକ୍‌କୁ ପ୍ରଦାନ କରନ୍ତୁ ଓ ଏଥିନିମନ୍ତେ ପରସ୍ପର ମଧ୍ୟରେ ପ୍ରେମ ଓ ସ୍ନେହ ଏବଂ ଭଲପାଇବାକୁ ବଢ଼ାନ୍ତୁ କାରଣ ମସ୍‌ଜିଦ୍‌ର ହକ୍ ସେ ପର୍ଯ୍ୟନ୍ତ ପ୍ରଦାନ ହୋଇପାରିବ ନାହିଁ । ଯେ ପର୍ଯ୍ୟନ୍ତ ପରସ୍ପର ମଧ୍ୟରେ ପ୍ରେମ ଓ ସ୍ନେହ ସୃଷ୍ଟି ନ ହୋଇଛି । ଯେତେବେଳେ ଉପାସନା କରିବାକୁ ଆସୁଛନ୍ତି, ଯେତେବେଳେ ଗୋଟିଏ ଧାଡ଼ିରେ ଛିଡ଼ା ହେଉଛନ୍ତି, ଯେତେବେଳେ ଦୁଆ କରୁଛନ୍ତି ଓ ସଲାମ୍ କହୁଛନ୍ତି ସେତେବେଳେ ଆପଣମାନଙ୍କର ଡ଼ାହାଣ ଓ ବାମ ପାଖ ଆଗ ଏବଂ ପଛରେ ଛିଡ଼ା ହୋଇଥିବା ସବୁ ଲୋକମାନେ ସେହି ସଲାମ୍‌ରେ ସାମିଲ ହୋଇଥାନ୍ତି । ଯଦି କେବଳ ମୁହଁରୁ ଦୁଆ କରୁଅଛ ମୁହଁରେ କେବଳ ଅସ୍‌ସଲାମୋ ଆଲୈକୁମ୍ କହୁଥାଅ କିନ୍ତୁ ମନ ଭିତରେ ମଇଳା ଓ ବିଦ୍ୱେଷ ଭାବ ଥାଏ ତେବେ ଆପଣମାନେ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan